







ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂଗଠନ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନବୀନ ନିବାସରେ ଭେଟି ସମ୍ବର୍ଦ୍ଧିତ କରୁଛନ୍ତି

**କୋଇଲା ବ୍ୟବସାୟୀଙ୍କ ଘରେ ଆଇଟି ଚଢ଼ଉ ଜାରି**

## ଘର ଓ ଶିକ୍ଷାନୁଷ୍ଠାନ ସହ ୧୦ ସ୍ଥାନରେ ଚଢ଼ଉ

ଭୁବନେଶ୍ୱର, ୧୯ ।୧(ସମିସ): ସୁନ୍ଦରଗଡ଼ର ପ୍ରତିଷ୍ଠିତ କୋଇଲା ବ୍ୟବସାୟୀ ଘନଶ୍ୟାମ ଡାଲମିଆଙ୍କ ଘରେ ଆୟକର ଚଢ଼ଉ ଦ୍ୱିତୀୟ ଦିନରେ ବି ଜାରି ରହିଥିଲା । ବ୍ୟବସାୟୀଙ୍କ ଘର ଓ ଶିକ୍ଷାନୁଷ୍ଠାନ ସହ ୧୦ଟି ସ୍ଥାନରେ ଚଢ଼ଉ ହୋଇଥିଲା । ସିଆରପିଏଫ୍ ଯବାନ ସହାୟତାରେ ଆଇଟି ବିଭାଗ ଓଡ଼ିଶା ସମେତ ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଦୁଇ ଦିନ ହେଲା ଏହି ଚଢ଼ଉ କରୁଛି । ସୁନ୍ଦରଗଡ଼ ଗୋପାଳପୁରରେ ଥିବା ଘର ଓ ଫ୍ୟାକ୍ଟ୍ରି, ରାଉରକେଲା, ବରଗଡ଼ରେ ଥିବା ଅଫିସ୍ ଏବଂ ଛତିଶଗଡ଼ର ରାୟଗଡ଼ରେ ଥିବା ଘର ଓ ରାୟପୁର ଓ ବିଳାସପୁରରେ ଥିବା ଘରେ ଚଢ଼ଉ ଜାରି ରହିଛି । ଏହି ଚଢ଼ଉରେ ୧୦୦ରୁ ଅଧିକ ଆୟକର ଅଧିକାରୀ ସାମିଲ ହୋଇଛନ୍ତି । ଘନଶ୍ୟାମଙ୍କ ବଡ଼ ଭାଇଙ୍କର ରାଜଗାଙ୍ଗପୁରର ବରପାଲିଠାରେ ଥିବା ସ୍ପଞ୍ଜ କାରଖାନାରେ ଆଜି ମଧ୍ୟ ଚଢ଼ଉ କରାଯାଇଛି । ଘନଶ୍ୟାମ ଡାଲମିଆ ବହୁବର୍ଷ ଧରି କୋଇଲା ବ୍ୟବସାୟ କରି ଆସୁଛନ୍ତି । ହେଲେ ସେ ଟିକସ ଫାଙ୍କିଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଆଧାରରେ ଆୟକର ବିଭାଗ ଘନଶ୍ୟାମଙ୍କ ଘର ଓ ଫ୍ୟାକ୍ଟ୍ରିରେ ଗତକାଲିଠୁ ଚଢ଼ଉ ଜାରି ରହିଛି ।

**ନଦୀବନ୍ଧ ପୁନର୍ବାସ ଓ ଉନ୍ନତିକରଣ କାର୍ଯ୍ୟଧାରାର ସମୀକ୍ଷା**

## ଡ୍ୟାମ୍ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାର ଭୂମିକାକୁ ବିଶ୍ୱ ବ୍ୟାଙ୍କର ପ୍ରଶଂସା

ଭୁବନେଶ୍ୱର, ୧୯ ।୧(ସମିସ):

ଓଡ଼ିଶା ଡ୍ୟାମ୍ ସୁରକ୍ଷା କ୍ଷେତ୍ରରେ ଅନ୍ୟ ରାଜ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଛି । ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଖସଡ଼ା ଓ ଡ୍ୟାମ୍ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପକୁ ପ୍ରଶଂସା କରି ବିଶ୍ୱ ବ୍ୟାଙ୍କର ପ୍ରତିନିଧି ଓ ଅନ୍ୟ କେନ୍ଦ୍ରୀୟ ସଂସ୍ଥାର ସଦସ୍ୟମାନେ ଏହା କହିଛନ୍ତି । ନଦୀବନ୍ଧ ପୁନର୍ବାସ ଓ ଉନ୍ନତୀକରଣ ପ୍ରକଳ୍ପ (ଡିଆରଆଇପି)ର କାର୍ଯ୍ୟଧାରାର ସମୀକ୍ଷା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଜାନୁଆରୀ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଭୁବନେଶ୍ୱରରେ ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା କରାଯାଇଛି । ଏହି ବୈଠକରେ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ ଏବଂ ଓଡ଼ିଶାର ୮ଟି କାର୍ଯ୍ୟାନ୍ୱୟନ ଏଜେନ୍ସିଙ୍କ ସହ ପ୍ରମୁଖ ଅନ୍ତର୍ଜାତୀୟ ଏବଂ ଜାତୀୟ ସଂସ୍ଥା, ଏମଓଜେଏସ୍, ସିଡବ୍ଲୁସି, ବିଶ୍ୱବ୍ୟାଙ୍କ ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି ।

ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ଅଧିବେଶନକୁ ଉଦ୍‌ଘାଟନ କରି ଓଡ଼ିଶାରେ ଡ୍ୟାମ୍ ସୁରକ୍ଷା ଗତିବିଧିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଓଡ଼ିଶାରେ ୨୧୦ରୁ ଅଧିକ ନିର୍ଦ୍ଦିଷ୍ଟ ଡ୍ୟାମ୍ ରହିଛି, ସେଥିମଧ୍ୟରୁ ୬୦ ପ୍ରତିଶତ ଡ୍ୟାମ୍‌ର ବୟସ ୩୦ ବର୍ଷ ଅତିକ୍ରମ କରିଛି । ଯେଉଁଥିପାଇଁ ଆମକୁ ଡ୍ୟାମ୍ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ରାଜ୍ୟରେ ୪୦ ପ୍ରତିଶତ ମହିଳାଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ ଡ୍ୟାମ୍ ସେଫ୍ଟି ସଂଗଠନ ରହିଛି । ସେମାନେ ଡ୍ୟାମ୍ ସୁରକ୍ଷା ଉପରେ ଦକ୍ଷତା ରଖିଛନ୍ତି ଏବଂ ରାଜ୍ୟରେ ଡ୍ୟାମ୍‌ଗୁଡ଼ିକର ସୁରକ୍ଷା କାର୍ଯ୍ୟକଳାପ ଉପରେ ନିରନ୍ତର ତଦାରଖ ଏବଂ ରକ୍ଷଣାବେକ୍ଷଣରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଅତ୍ୟନ୍ତ ଖରାପ ସ୍ଥିତିରେ ଥିବା ଡ୍ୟାମ୍‌ଗୁଡ଼ିକର ସ୍ଥିତିରେ ଉନ୍ନତି ଓ ରକ୍ଷଣାବେକ୍ଷଣ ପାଇଁ ଏକ ପୃଥକ ରାଜ୍ୟ ବଜେଟ୍ ଡିପିଆଇଡବ୍ଲ୍ୟୁ ସୃଷ୍ଟି କରାଯାଇଛି ବୋଲେ ଶ୍ରୀମତୀ ଗର୍ଗ କହିଥିଲେ ।

ଅନ୍ୟ ଅତିଥି ଭାବେ କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର (ନଦୀ ବିକାଶ ଓ ପ୍ରକଳ୍ପ ନୀତି ସମ୍ପର୍କିତ) ଯୁଗ୍ମ ସଚିବ ଆନନ୍ଦ ମୋହନ, କେନ୍ଦ୍ର ସରକାରଙ୍କ ସିଡବ୍ଲୁସିର ଡ୍ରିପ୍ -୨ ଏବଂ ଡ୍ରିପ୍ -୨ ୩ର ପ୍ରକଳ୍ପର ନିର୍ଦ୍ଦେଶକ ରାକେଶ କଶ୍ୟପ, ବିଶ୍ୱ ବ୍ୟାଙ୍କର ଟିଟିଏଲ ଚାବୁଙ୍ଗବାମ ରାଜ ଗୋପାଳ ସିଂ, ଏଆଇଆଇବିର ଟିଟିଏଲ ରାଜେଶ ଯାଦବ ସେମାନଙ୍କ ଭାଷଣରେ ଓଡ଼ିଶାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦକ୍ଷ ତତ୍ତ୍ୱାବଧାନରେ ଜଳସମ୍ପଦ ବିଭାଗ ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ ।

## କୃଷ୍ଣ ସିଂହଙ୍କ ୮୬ତମ ଜନ୍ମ ଦିବସ ପାଳନ



ଭୁବନେଶ୍ୱର, ୧୯ ।୧(ସମିସ): ବର୍ଷୀୟାନ ଭୂଦାନ ଓ ସର୍ବୋଦୟ ନେତା ତଥା ବିଶିଷ୍ଟ ଶିକ୍ଷାବିତ, କବି ଓ କୋରାପୁଟର ଗାନ୍ଧୀ କୃଷ୍ଣ ସିଂହଙ୍କ ୮୬ତମ ଜନ୍ମୋତ୍ସବ ସ୍ଥାନୀୟ ଜୟଦେବ ଭବନଠାରେ ପାଳିତ ହୋଇଯାଇଛି । କ୍ୟାଟ୍‌ର ପ୍ରାକ୍ତନ ଅଧ୍ୟକ୍ଷ ତଥା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଗାନ୍ଧୀ ସ୍ମାରକ ନିଧିର ସଭାପତି କ୍ରିଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ଗାନ୍ଧୀବାଦୀ ପ୍ରହ୍ଲାଦ ସିଂହ ମୁଖ୍ୟବକ୍ତା, କଥାକାର କୃପାସାଗର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ନାଟ୍ୟକାର ତଥା କବି ରମେଶ ଦାସ ପୌରୋହିତ୍ୟ କରିଥିଲେ । ଅନ୍ୟଏକ ଅଧିବେଶନରେ ଡାକ୍ତର ବିଶ୍ୱଜିତ ରାୟ ଅଧ୍ୟକ୍ଷତା କରିଥିଲେ । ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟିକ ବାସୁଦେବ ଦାସ ଗାନ୍ଧୀ ଦର୍ଶନ ଓ କୃଷ୍ଣ ସିଂହଙ୍କ ଉପରେ ଆଲୋକପାତ କରିଥିଲେ । ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ଗାନ୍ଧୀ ଦର୍ଶନକୁ ବିଶ୍ୱମାନବର ମହାଦୀକ୍ଷା ହୋଇ ଚିରଦିନ ରହିବ ବୋଲି କହିଥିଲେ ।

ଏହି ଅବସରରେ ଜାତୀୟ ଯୁବ ପ୍ରକଳ୍ପର ଅଧ୍ୟକ୍ଷ ମଧୁସୁଦନ ଦାସ ଓଡ଼ିଶା ପୁନଃ ଗଠନ ଉପରେ ଆଲୋଚନା କରିଥିବା ବେଳେ କବି ଓ ପ୍ରାବନ୍ଧିକ ଅଶୋକ ମହାନ୍ତି କୃପାସାଗର ସାହୁଙ୍କ 'ଚର୍ଚ୍ଚିତ-୫୦' ପୁସ୍ତକ ଉପରେ ଆଲୋଚନା କରିଥିଲେ । ଗାଳ୍ପିକା ବାସନ୍ତୀ ମହାନ୍ତି 'କ୍ରାନ୍ତଦର୍ଶୀ କୃଷ୍ଣ ସିଂହ' ଉପରେ ଆଲୋକପାତ କରିଥିଲେ । ନବଗଠିତ ଜାତୀୟ ବୌଦ୍ଧିକ ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ଏହି ମନୋଜ୍ଞ ଉତ୍ସବକୁ ପରିଚାଳନା ଓ ସଂଯୋଜନା କରିଥିଲେ ବିଶିଷ୍ଟ କବି ତଥା ପୂର୍ବତଟ ରେଳପଥର ପ୍ରାକ୍ତନ ବରିଷ୍ଠ ଅଧିକାରୀ ନିରାକାର ଦାସ । ମଞ୍ଚର ମୁଖ୍ୟ ଉପଦେଷ୍ଟା ଧରଣୀଧର ଜେନା ସ୍ୱାଗତ ଭାଷଣ ଦେଇଥିଲେ । ସାହିତ୍ୟିକା ଝାନ୍‌ସି ସିଂହ ଓ ବିନ୍ଦ୍ରା ଧର୍ମରାଜନ ସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମଞ୍ଚର ସମ୍ପାଦିକା ଗାଳ୍ପିକା ଅବନ୍ତୀ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ 'ପ୍ରାଚୀତାରା'ର ସମ୍ପାଦିକା ହରପ୍ରିୟା ମହାନ୍ତି ଧନ୍ୟବାଦ ଦେଇଥିଲେ । ଏହି ଅବସରରେ କବି କୃଷ୍ଣ ସିଂହଙ୍କ ଜନ୍ମୋତ୍ସବ ପାଳନ କରାଯାଇଥିଲା । କୃପାସାଗର ସାହୁଙ୍କ ଶ୍ରେଷ୍ଠ ଗଳ୍ପ 'ଚର୍ଚ୍ଚିତ-୫୦' ଓ. ବାସନ୍ତୀ ମହାନ୍ତିଙ୍କ ଦ୍ୱାରା ଲିଖିତ 'କ୍ରାନ୍ତଦର୍ଶୀ କୃଷ୍ଣ ସିଂହ' ଦୁଇଟି ପୁସ୍ତକ ପାଠକାର୍ପିତ ହୋଇଥିଲା । କବୀ ମିନତୀ ମିଶ୍ର, ସ୍ତମ୍ଭକାର ସ୍ମୃତକ୍ରୀତି ତ୍ରିପାଠୀ ଓ କବି ଅକ୍ଷୟ ରାଉଳ କୃଷ୍ଣ ସିଂହଙ୍କ କବିତା ଆବୃତ୍ତି କରିଥିଲେ ।

## ଦ୍ୱିତୀୟ ପର୍ଯ୍ୟାୟରେ ରିଟର୍ଣ୍ଣିଙ୍ଗ ଅଧିକାରୀଙ୍କୁ ୫ଦିନିଆ ତାଲିମ

ଭୁବନେଶ୍ୱର, ୧୯ ।୧(ସମିସ):

ଆଗାମୀ ସାଧାରଣ ନିର୍ବାଚନ ୨୦୨୪କୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ଅବସରରେ ରାଜ୍ୟର ସମସ୍ତ ରିଟର୍ଣ୍ଣିଙ୍ଗ୍ ଅଧିକାରୀ ଓ ସହକାରୀ ରିଟର୍ଣ୍ଣିଙ୍ଗ ଅଧିକାରୀମାନଙ୍କୁ ନେଇ ପାଞ୍ଚଦିନିଆ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ତାଲିମ ପ୍ରତିଷ୍ଠାନରେ ଗତକାଲିଠାରୁ ଆସନ୍ତା ୨୨ପର୍ଯ୍ୟନ୍ତ ହେବାକୁ ଥିବା ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ୨୧୧ ଜଣ ରିଟର୍ଣ୍ଣିଙ୍ଗ ଓ ସହକାରୀ ରିଟର୍ଣ୍ଣିଙ୍ଗ ଅଧିକାରୀ ଭାଗ ନେବେ । ପ୍ରଥମ ଦିନରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶ୍ରୀ ଧଳ ଅଧିକାରୀମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ନିର୍ବାଚନ ପରିଚାଳନା ସମ୍ପର୍କିତ ଯେକୌଣସି ପ୍ରଶ୍ନ ମନକୁ ଆସିଲେ, ଦ୍ୱିଧାବୋଧ ନକରି ସନ୍ଦେହ ମୋଚନ କରନ୍ତୁ । ଏହି ତାଲିମ କାର୍ଯ୍ୟକ୍ରମ ସମସ୍ତ ଦ୍ୱନ୍ଦ୍ୱର ସମାଧାନ କରିବା ପାଇଁ କରାଯାଉଛି ବୋଲି ସେ କହିଥିଲେ ।

ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅଧିକାରୀମାନଙ୍କୁ ନିର୍ବାଚନର ଆଦର୍ଶ ଅଚରଣବିଧି, ନିର୍ବାଚନ ଖର୍ଚ୍ଚର ତଦାରଖ, ପୋଷ୍ଟାଲ ବାଲାଟ, ପ୍ରାର୍ଥୀମାନଙ୍କର ନାମାଙ୍କନ ପତ୍ର ଦାଖଲ ଏବଂ ନାମାଙ୍କନ ପତ୍ର ପ୍ରତ୍ୟାହାର, ନିର୍ବାଚନ ଚିହ୍ନ ଅନୁମୋଦନ, ଭୋଟ ଦିନର ସୁବ୍ୟବସ୍ଥା, ପୁଲିଙ୍ଗ ପାର୍ଟି ପରିଚାଳନା, ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ସୁବିଧାସୁଯୋଗ, ଭୋଟ ଗଣତି, ଇଭିଏମ୍ ଭିଭିପ୍ୟାଟ୍ ଓ ଭୋଟ ଫଳାଫଳ ଘୋଷଣା ସମ୍ପର୍କରେ ବିସ୍ତୃତ ଭାବେ ତାଲିମ ପ୍ରଦାନ କରାଯିବ । ଏହି ତାଲିମ ପ୍ରଦାନ କରିବା ନିମନ୍ତେ ଜାତୀୟ ସ୍ତରର ନିର୍ବାଚନ ତାଲିମ ପ୍ରଶିକ୍ଷକ ଆର୍ ରଘୁରାମ ଆୟାର୍, ପ୍ରମୋଦ କୁମାର ସାହୁ, ସବ୍ୟସାଚୀ ହୋତା, ଧରଣୀଧର ନନ୍ଦ, ସଞ୍ଜୀବିତା ରାୟ, ରୋଜାଲିନ୍ ଦାସ ଓ ପୁଲକ ଭଟ୍ଟାଚାର୍ଯ୍ୟ ପ୍ରମୁଖ ତାଲିମ ପ୍ରଦାନ କରିବେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ଥିରୁମାଳାନାୟକ, ତାଲିମ ନୋଡାଲ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତି, ରୋଟିର ଯୁଗ୍ମ ନିର୍ଦ୍ଦେଶକ ବୈତୁରା ଦ୍ୱୀପ୍ ସହ କାର୍ଯ୍ୟକ୍ରମ ଅଧିକାରୀ (ତାଲିମ) ତଥା ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ଉପସ୍ଥିତ ଥିଲେ ।

## କନିଷ୍ଠ ଓ ବରିଷ୍ଠ ଡାକ୍ତର ଅଭାବ ଦୂର ପାଇଁ ପ୍ରତି ମାସରେ ହେବ ସାକ୍ଷାତକାର

ଭୁବନେଶ୍ୱର, ୧୯ ।୧(ସମିସ): ସରକାରୀ ମେଡିକାଲ କଲେଜରେ ଡାକ୍ତର ଅଭାବ ଦୂର ପାଇଁ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର । ଏଣିକି ପ୍ରତି ମାସରେ ସାକ୍ଷାତକାର ଆୟୋଜନ କରାଯାଇ ଜୁନିଅର ରେସିଡେଣ୍ଟ, ସିନିୟର ରେସିଡେଣ୍ଟ, ଟ୍ୟୁଟର୍, ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯିବ । ଉଭୟ ରାଜ୍ୟ ଓ ଅନୁଷ୍ଠାନ ସ୍ତରରେ ମାସିକିଆ ସାକ୍ଷାତକାର ଅବା ୱାକ୍ ଇନ୍ ଇଣ୍ଟରଭ୍ୟୁ/କାଉନସେଲିଂ ଆୟୋଜନ କରାଯିବ । ସେମାନଙ୍କୁ ଚୁକ୍ତି କିମ୍ବା ଡେପୁଟେସନ୍ ଭିତ୍ତିରେ ନିଯୁକ୍ତ କରାଯିବ । ଶୁକ୍ରବାର ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ସୂଚନା ଅନୁସାରେ ପ୍ରତି ମାସରେ ସାକ୍ଷାତକାର ପାଇଁ ୧୨ ତାରିଖ ଧାର୍ଯ୍ୟ କରାଯାଇଛି । ଏହି ଦିବସରେ ରାଜ୍ୟର ସମସ୍ତ ମେଡିକାଲ କଲେଜ ସମେତ ପିଜିଆଇଏମ୍‌ଇଆର କ୍ୟାପିଟାଲ ହସ୍ପିଟାଲ, ଏସସିବି ଡେଣ୍ଟାଲ କଲେଜରେ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରାଯିବ । ସେହିପରି ଖାଲି ଥିବା ବିଭିନ୍ନ ପଦବୀରେ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ ଲକ୍ଷ୍ୟରେ ଡିଏମ୍‌ଇଟି ପଦକ୍ଷେପ ନେବେ । ରାଜ୍ୟ ସ୍ତରରେ ଡିଏମ୍‌ଇଟିଙ୍କ ପକ୍ଷରୁ ପ୍ରତି ମାସ ୨୫ ତାରିଖରେ ସାକ୍ଷାତକାର/କାଉନସେଲିଂ କରାଯିବ । ଉଭୟ ରାଜ୍ୟ ଓ ଅନୁଷ୍ଠାନ ସ୍ତରୀୟ ନିଯୁକ୍ତି ସମ୍ପର୍କରେ ପରବର୍ତ୍ତି ମାସର ୫ ତାରିଖ ସୁଦ୍ଧା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ରିପୋର୍ଟ ପ୍ରଦାନ କରିବା ଜରୁରୀ ହେବ । ନିଯୁକ୍ତି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିସ୍ତୃତ ମାର୍ଗଦର୍ଶୀକା ଜାରି କରାଯାଇଛି ।

## ପାତ୍ର ଜୋତା ଗୋଦାମରେ ଜିଏସ୍‌ଟି ଚଢ଼ଉ



ଢେଙ୍କାନାଳ, ୧୯।୧(ସମିସ): ଢେଙ୍କାନାଳ ସହରସ୍ଥ ବାଜିଚୌକ ଓ ଯତନନଗରଠାରେ ପାତ୍ର ଜୋତା ଗୋଦାମରେ ଜିଏସ୍ଟିର ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛି । ଆଜି ସକାଳେ ଅନୁଗୁଳସ୍ଥିତ ଜିଏସ୍ଟି ଏନଫୋର୍ସମେଣ୍ଟ ଟିମ୍‌ର ଡେପୁଟି କମିଶନର ଶିବାଶିଷ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ବାଜିଚୌକ ଛକଠାରେ ଥିବା ଏହି ଜୋତା ଗୋଦାମ ଓ ଯତନନଗର ଠାରେ ଥିବା ଗୋଦାମ ଉପରେ ଚଢ଼ଉ କରିଛି । ପାତ୍ର ଏଜେନ୍ସି ନାମରେ ଜିଏସ୍ଟି ଫାଙ୍କିବା ସହ ଅନ୍ୟାନ୍ୟ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତ୍ତିକରି ଚଢ଼ଉ କରାଯାଇଛି । ଏହି ଚଢ଼ଉ ପରେ ଡେପୁଟି କମିଶନର କହିଛନ୍ତି ଯେ, ସମସ୍ତ ଷ୍ଟକ୍ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯିବା ପରେ ଏହାର ସବିଶେଷ ସୂଚନା ପ୍ରଦାନ କରାଯିବ ।

**ଏସ୍‌ସିବିରେ ହାପଲୋ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ**

## ୧୦ ଦିନରେ ପ୍ରାଣ ହରାଇଲେ ଶୁଭ୍ରାଂଶୁ

କଟକ, ୧୯ ।୧ (ସମିସ): ଏସ୍‌ସିବି ମେଡିକାଲ ହେମାଟୋଲୋଜି ବିଭାଗ ଡାକ୍ତରମାନଙ୍କ ଦ୍ୱାରା ପ୍ରଥମଥର ନିମନ୍ତେ ହାପଲୋ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଥିଲା । ବିରଳ ପଦ୍ଧତିରେ ହୋଇଥିବା ଏହି ପ୍ରତିରୋପଣ ଯୋଗୁଁ ଏସ୍‌ସିବି ମେଡିକାଲ ସୃଷ୍ଟି କରିଥିଲା ନୂତନ ଇତିହାସ । ମାତ୍ର ଅସ୍ଥିମଜ୍ଜା ପ୍ରତିରୋପିତ ରୋଗୀ ଶୁଭ୍ରାଂଶୁ ସାହୁଙ୍କର ଶୁକ୍ରବାର ପୂର୍ବାହ୍ନରେ ଅକସ୍ମାତ ମୃତ୍ୟୁ ଘଟିଛି । ଚିକିତ୍ସାଧୀନ ଅବସ୍ଥାରେ ରହିଥିବା ଶୁଭ୍ରାଂଶୁ ୧୦ ଦିନରେ ପ୍ରାଣ ହରାଇବାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଚିନ୍ତା ପ୍ରକଟ କରିଛନ୍ତି । କିଛି ଦିନ ପୂର୍ବେ ଶୁଭ୍ରାଂଶୁ ହୃଦଘାତର ଶିକାର ହେବା ସହ ବାଥରୁମ୍‌ରେ ପଡ଼ି ଯାଇଥିଲେ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ରବୀନ୍ଦ୍ର କୁମାର ଜେନା କହିଛନ୍ତି । ଗତ ଚାରି ଦିନ ହେବ ତାଙ୍କୁ ଆଇସିୟୁରେ ରଖାଯାଇଥିଲା । ଶୁକ୍ରବାର ପୂର୍ବାହ୍ନରେ ସେ ପ୍ରାଣ ହରାଇଛନ୍ତି । ଏତଦବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ଜନିତ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ତାଙ୍କର ମୃତ୍ୟୁ ହୋଇନି ବୋଲି ପ୍ରଫେସର ଡାକ୍ତର ଜେନା ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ତଦନ୍ତ ହେବ ବୋଲି ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ମତ ଦେଇଛନ୍ତି ।

ପ୍ରକାଶଥାଉକି, ଖୋର୍ଦ୍ଧା ଜିଲା କଣ୍ଟାମାଳିମ ଅଞ୍ଚଳର ଶୁଭ୍ରାଂଶୁ(୧୯)ଙ୍କ ଗତ ୯ ତାରିଖରେ ହାପଲୋ ଆଲୋଜେନିକ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ ହୋଇଥିଲା ।

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ୱ କାଳନ୍ଦୀ ଚରଣ ବରିଶଲ
ପୂର୍ବତନ ସରପଞ୍ଚ, ସମାଜସେବୀ
ଭଗବାନପୁର, ପାତ୍ରପଡା, ଭୁବନେଶ୍ୱର
ଧରାବତରଣ: ୨୮.୧୨.୧୯୩୬
ସର୍ଗାରୋହଣ: ୧୬.୦୧.୨୦୧୯

ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି,
ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ,
ଏହା ହିଁ ପରମବ୍ରହ୍ମ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ
ପାଦ ପଦ୍ମରେ ବିନମ୍ର ନିବେଦନ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ହତଭାଗିନୀ ପତ୍ନୀ- ବିଷ୍ଣୁପ୍ରିୟା, ବନ୍ଧୁ,
ଆତ୍ମୀୟସ୍ୱଜନ ଓ ଶୋକସନ୍ତପ୍ତ ବରିଶଲ ପରିବାରବର୍ଗ



# ଠକେଇର ନୂଆ ତରିକା ମାଟ୍ରିମୋନି ସାଇଟ୍

**ଭୁବନେଶ୍ୱର, ୧୯ ।୧(ସମିସ):**

ଠକେଇର ଆଉ ଏକ ନୂଆ ତରିକା ପାଲଟିଛି ମାଟ୍ରିମୋନି ସାଇଟ୍। ପାତ୍ରୀ ଖୋଜୁଥିବା ଯୁବକଙ୍କୁ ଟାର୍ଗେଟ କରି ଠକୁଛନ୍ତି ସାଇବର ଠକ। ସୁନ୍ଦରୀ ଯୁବତୀଙ୍କ ନାମରେ ଆଇଡି ଖୋଲି ଚାଟିଂ କରୁଛନ୍ତି। ଯୁବକଙ୍କୁ ବିବାହ କରିବାକୁ ସ୍ୱପ୍ନ ଦେଖାଉଛନ୍ତି। ହେଲେ ପୁରୀ ଜିଲ୍ଲା ସଦର ଥାନା ଅଧୀନ ଭାତକୁଡ଼ି ଗାଁର ନୃସିଂହ ବିଶ୍ୱାଳ। ତା' ନିକଟରୁ ପୁଲିସ ୧ଲକ୍ଷ ୬୧ ହଜାର ୧୯୦ ଟଙ୍କା, ୫ଟି ଏଟିମ୍ କାର୍ଡ, ସିମ୍ କାର୍ଡ ଓ ମୋବାଇଲ ଫୋନ୍ ଜବତ କରିଛି। ଅଭିଯୁକ୍ତ ମାଟ୍ରିମୋନି ସାଇଟ୍‌ରେ ଆଉ କେତେ ଜଣଙ୍କୁ ଠକେଇ କରିଛି ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି। କେବଳ ଭାରତ ମାଟ୍ରିମୋନିରେ

- ପାତ୍ରୀ ଖୋଜୁଥିବା ଯୁବକଙ୍କୁ ଟାର୍ଗେଟ
- ଫେକ୍ ଆଇଡି ଖୋଲି କରୁଥିଲେ ଚାଟିଂ
- ବାପାଙ୍କ ଦେହ ଖରାପ କହି ୩ଲକ୍ଷ ଠକେଇ
- ପୁରୀରୁ ଅଭିଯୁକ୍ତକୁ ଗିରଫ କଲା ପୁଲିସ





ଶେଷରେ ବାପା, ମା'ଙ୍କ ଦେହ ଖରାପ ବାହାନା କରି ଟଙ୍କା ଲୁଟି ନେଉଛନ୍ତି। ଏହିଭଳି ମାଟ୍ରିମୋନି ସାଇଟ୍‌ରେ ଜଣେ ଯୁବ ଇଞ୍ଜିନିୟର ପାତ୍ରୀ ଖୋଜି ସାଇବର ଠକାମିର ଶିକାର ହୋଇଛନ୍ତି। ମାତ୍ର ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ଯୁବକ ନିଜ ସ୍ତ୍ରୀର ଫଟୋ ଦେଖାଇ ଜଣେ ଇଞ୍ଜିନିୟର ଯୁବକଙ୍କୁ ଠକିଛି। ଶେଷରେ ଏନେଇ ଇଞ୍ଜିନିୟର ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଠକକୁ ଗିରଫ କରିଛି। ଗିରଫ ଠକ ଜଣଙ୍କ ସେ ଠକେଇ କରୁଥିଲା ନା ଆଉ କେଉଁ ମାଟ୍ରିମୋନି ସାଇଟରେ ତା'ର ଠକେଇ ସାମ୍ରାଜ୍ୟ ବିସ୍ତାର କରିଛି, ସେ ଦିଗରେ ପୁଲିସ ଛାନଭିନ୍ ଚଳାଇଥିବା ଡିସିପି ପ୍ରତୀକ ସିଂହ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଡିସିପିଙ୍କ ସୂଚନା ଅନୁସାରେ, ଅଭିଯୁକ୍ତ ନୃସିଂହ କମ୍ ପାଠ ପଢ଼ିଥିଲା, ହେଲେ ବୁଦ୍ଧିରେ ସେ ବହୁ ଚତୁର ଥିଲା। ନିଜ ପତ୍ନୀ ଦୀପା ପ୍ରଧାନଙ୍କ ନାମରେ ସେ ଭାରତ ମାଟ୍ରିମୋନିରେ ଆକାଉଣ୍ଟ ଖୋଲିଥିଲା। ସେହି ଆକାଉଣ୍ଟରେ ସୁନ୍ଦର ଯୁବତୀଙ୍କ ଫଟୋ ରଖୁଥିଲା। ଭଏସ୍ କଲ କିମ୍ବା ଭିଡିଓ କଲ୍‌ରେ ସେ କଥା ହେଉନଥିଲା। ଧରାପଡ଼ିଯିବା ଭୟରେ ବିଭିନ୍ନ ବାହାନା ଦେଖାଇ ସେ କେବଳ ଚାଟିଂ କରୁଥିଲା। ଭୁବନେଶ୍ୱରରେ ରହୁଥିବା ଯୁବ ଇଞ୍ଜିନିୟର ମାନସ ରଞ୍ଜନ ପଣ୍ଡା ନିଜ ପାଇଁ କନିଆଁ ଖୋଜୁଥିବା ବେଳେ ଦୀପାଙ୍କ ଆକାଉଣ୍ଟ ପାଇଥିଲେ। ଉଭୟଙ୍କ ମଧ୍ୟରେ ସମ୍ପର୍କ ହେବା ପରେ ନମ୍ବର ଦିଆନିଆ ହୋଇଥିଲା। ପରେ ଉଭୟ ହ୍ୱାଟ୍ସଆପ୍‌ରେ ଚାଟିଂ କରିବା ବେଳେ ଯୁବତୀଙ୍କୁ ମାନସ ବିବାହ ପ୍ରସ୍ତାବ ଦେଇଥିଲେ। ବିବାହ ପାଇଁ କହିବାରୁ ନିଜର ବାପାଙ୍କ ଦେହ ଖରାପ କଥା କହିଥିଲା ଅଭିଯୁକ୍ତ। ବାପାଙ୍କୁ କର୍କଟ ରୋଗ ହୋଇଥିବା କହି ମାନସଙ୍କ ଠାରୁ ଅଭିଯୁକ୍ତ ବାରମ୍ବାର ଟଙ୍କା ନେଇଥିଲା। କେତେବେଳେ ବାପାଙ୍କ ଔଷଧ ପାଇଁ ତ' ଆଉ କେତେବେଳେ ବାପାଙ୍କ ଅସ୍ତ୍ରୋପଚାର ପାଇଁ କହି ଟଙ୍କା ଠକି ନେଉଥିଲା। ଚିକିତ୍ସା ନାମରେ ଠକ ତାଙ୍କ ଠାରୁ ୨୦୨୩ ମେ' ୨୧ ଠାରୁ ଜୁନ୍ ୧୨ ତାରିଖ ମଧ୍ୟରେ ପ୍ରାୟ ୩ ଲକ୍ଷ ୧୮ ହଜାର ଟଙ୍କା ଠକି ନେଇଥିଲା। ମାନସ ଭିଡିଓ କଲ୍ କରି କଥା ହେବାକୁ ବାରମ୍ବାର କହିଥିଲେ ମଧ୍ୟ ସେ ଉଠାଇ ନଥିଲେ। ଯାହାଫଳରେ ମାନସଙ୍କର ସନ୍ଦେହ ହୋଇଥିଲା। ସେ ଉକ୍ତ ଆଇଡିକୁ ଯାଞ୍ଚ କରିବା ପରେ ଜଣେ ଯୁବକ ଏଭଳି କରିଥିବା ଜଣାପଡ଼ିବା ପରେ ସେ ଏ ନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ।

## ବିଷ ଦେଇ ମାରିଦେଲେ ୭ କୁକୁର

**ଭୁବନେଶ୍ୱର, ୧୯।୧(ସମିସ):** କିଛିଦିନର ବ୍ୟବଧାନ ପରେ କୁକୁରକୁ ବିଷ ଦେଇ ମାରିଦେବା ଘଟଣା ପୁଣି ସାମ୍ନାକୁ ଆସିଛି। କଳିଙ୍ଗନଗର କେ-୯ ଅଞ୍ଚଳରେ ୭ କୁକୁରଙ୍କୁ ଖାଦ୍ୟରେ ବିଷ ଦେଇ କେହି ମାରିଦେଇଛି। ଗୋଟିଏ ସ୍ଥାନରେ ୭ଟି କୁକୁରଙ୍କ ମୃତ ଦେହ ପଡ଼ିରହିଛି। ଏହି ଘଟଣା ପଶୁ ପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମିଳିଥିବା ସୂଚନା ମୁତାବକ ଶୁକ୍ରବାର ଦିନ ବେଳେ କୁକୁରମାନଙ୍କୁ ଲୋକେ ଖାଇବାକୁ ଡାକିଥିଲେ। ହେଲେ କେହି ନ ଆସିବାରେ ଲୋକେ ଖୋଜାଖୋଜି କରିଥିଲେ। ଏକ ଖାଲି ସ୍ଥାନରେ ସେମାନେ ପଡ଼ି କଷ୍ଟ ପାଉଥିଲେ। ସେମାନଙ୍କ ପାଟିରୁ ଗରଳ ବାହାରୁଥିଲା। ଏହିଖବର ପ୍ରସାରିତ ହେବା ପରେ ଘଟଣା ସ୍ଥଳରେ ଲୋକ ରୁଣ୍ଡ ହୋଇଥିଲେ। ହେଲେ କିଛି ସମୟ ପରେ କୁକୁରଗୁଡ଼ିକ ମରିଯାଇଥିଲେ। ଏନେଇ ପଶୁପ୍ରେମୀ ପୂରବୀ ପାତ୍ର ତମାଣ୍ଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହା ସହ କୁକୁରମାନଙ୍କର ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଓୟୁଏଟି ପଠାଇଛି। କିଏ ଏହି ନିରିହ ପଶୁମାନଙ୍କୁ ବିଷ ଦେଇଛି। କେଉଁଥିପାଇଁ ବିଷ ଦେଇଛି ତାହା ସ୍ପଷ୍ଟ ହୋଇନାହିଁ, ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତଦନ୍ତ ଆଗକୁ ବଢ଼ିବ ବୋଲି ତମାଣ୍ଡ ଥାନା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ୪ ଏପ୍ରିଲରେ ଶୈଳଶ୍ରୀବିହାର ଥାନା ଅଞ୍ଚଳରେ ମଧ୍ୟ ସମାନ ଘଟଣା ଘଟିଥିଲା। ଏଠାରେ ୬ କୁକୁରଙ୍କୁ ଖାଦ୍ୟରେ ବିଷ ଦେଇ ମାରଦିଆଯାଇଥିଲା। ଦୀର୍ଘ କିଛି ଦିନ ପୁଣି ଏଭଳି ଅମାନବୀୟ ଘଟଣା ସାମ୍ନାକୁ ଆସିଛି।

## 'ମୋ ବସ୍' ଧକ୍କାରେ ଜଣେ ଗୁରୁତର

**ଭୁବନେଶ୍ୱର, ୧୯।୧(ସମିସ):** ଶୁକ୍ରବାର ରାତିରେ ଖଣ୍ଡଗିରି ଥାନା ନିକଟରେ ଏକ ଦୁର୍ଘଟଣା ଘଟିଛି। ରାସ୍ତା ପାର ହେଉଥିବା ଜଣେ ବ୍ୟକ୍ତିଙ୍କୁ ମୋ ବସ୍ ଧକ୍କା ଦେଇଛି। ଦୁର୍ଘଟଣାରେ ବ୍ୟକ୍ତି ଜଣଙ୍କ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ଶୁକ୍ରବାର ରାତି ପ୍ରାୟ ୮ ଟା ସମୟରେ ଜଣେ ବ୍ୟକ୍ତି ଖଣ୍ଡଗିରି ଛକ ନିକଟରେ ରାସ୍ତା ପାରି ହୋଇ ଥାନା ପଟକୁ ଆସୁଥିଲେ। ସେହି ସମୟରେ ଖଣ୍ଡଗିରି - ଜାଗମରା ରାସ୍ତାରେ ଯାଉଥିବା ଏକ ମୋ ବସ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଅଣ୍ଟା ଉପରେ ବସ୍ ଚକା ଚଢ଼ି ଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୋ ବସ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନାକୁ ଲୋକମାନେ ବିରୋଧ କରିଥିଲେ। ଫଳରେ ଖଣ୍ଡଗିରି - ଜାଗମରା ଓ ଜାଗମରା - ଖଣ୍ଡଗିରି ରାସ୍ତାରେ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏଥିସହିତ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଯାଇ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସେପଟେ ଦୁର୍ଘଟଣା ଘଟାଇଥିବା ମୋ ବସକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ କରୁଛି।

## ୫ ବର୍ଷ ପରେ ଧରାପଡ଼ିଲା କୁଣ୍ଟା

- ଡକାୟତି ଯୋଜନାବେଳେ ଖସି ଯାଇଥିଲା
- ବିଭିନ୍ନ ଥାନାରେ ରହିଛି ୭ରୁ ଅଧିକ ମାମଲା

**ଭୁବନେଶ୍ୱର, ୧୯।୧(ସମିସ):** ଡକାୟତି ଯୋଜନା କରୁଥିବାବେଳେ ପୁଲିସ ପଞ୍ଝାରୁ ଖସି ଯାଇଥିବା ଅଭିଯୁକ୍ତକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଘଟଣାର ୫ ବର୍ଷ ପରେ ସୁନ୍ଦରପଦା ଉପର ସାହିର ସନ୍ତୋଷ ମାର୍ଥା ଓରଫ୍ କୁଣ୍ଟାକୁ ପୁଲିସ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ୨୦୧୮ ସେପ୍ଟେମ୍ବର ୭ ତାରିଖ ଦିନ କାର୍ଗିଲ ରୋଡ୍‌ରେ ଥିବା ଆଖଣ୍ଡଳମଣି ମନ୍ଦିର ପଛ ପାଖ ଖୋଲା ପଡ଼ିଆରେ ଡକାୟତି ଯୋଜନା ଚାଲିଥିବା ଏୟାରଫିଲ୍ଡ ଥାନା ପୁଲିସ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିଥିଲା। ସଶସ୍ତ୍ର ଡକାୟତି ନିମନ୍ତେ ଯୋଜନା କରୁଥିବା ବରକୁଦାର ବିଶ୍ୱରଞ୍ଜନ ପତି ଓରଫ୍ ଲକି, ଭୀମଟାଙ୍ଗିର ଷ୍ଟାର ପିଣ୍ଟୁ ଓ ଚନ୍ଦ୍ରଶେଖରପୁରର କିଶନ ସ୍ୱାଇଁଙ୍କୁ କାବୁ କରିଥିଲା। ଚଢ଼ଉବେଳେ ସେମାନଙ୍କ ଠାରୁ ଭୁଜାଲି, କଟୁରି ଓ ଘର କବାଟ ଭାଙ୍ଗିବା ଉପକରଣ ଜବତ କରିଥିଲେ। ହେଲେ କୁଣ୍ଟା ଓ ତାର ସହଯୋଗୀ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଖସି ପଳାଇଥିଲେ। ସେହିଦିନ ପରଠାରୁ କୁଣ୍ଟା ଫେରାର ରହିଥିଲା। ଶୁକ୍ରବାର ଏୟାରଫିଲ୍ଡ ଥାନା ପୁଲିସ କୁଣ୍ଟାକୁ ଗିରଫ କରି କୋର୍ଟଚାଲାଣ କରିଛି। କୁଣ୍ଟା ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ୭ରୁ ଅଧିକ ଅପରାଧିକ ମାମଲା ରହିଥିବା ତଦନ୍ତବେଳେ ଜଣାପଡ଼ିଥିଲା। ସେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ତା' ବିରୋଧରେ ସିଆର୍‌ପିସି ଧାରା ୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି।

## ଘରୁ ପିତ୍ତଳ ପୂଜା ସାମଗ୍ରୀ ଚୋରି; ଜଣେ ଗିରଫ

**ଭୁବନେଶ୍ୱର, ୧୯।୧ (ସମିସ):** ଘର ଭିତରୁ ପିତ୍ତଳ ପୂଜା ସାମଗ୍ରୀ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭରତପୁରରେ ରହୁଥିବା ପଶ୍ଚିମବଙ୍ଗ ଦାର୍ଜିଲିଂର ସୁରଜ ଛେତ୍ରି (୩୧)। ପୁଲିସ ସୂଚନା ଅନୁସାରେ, ସୁରଜ ଗୁରୁବାର ଭୋର ସମୟରେ ଅନ୍ଧାରର ସୁଯୋଗ ନେଇ ଭରତପୁର ଥାନା ସତ୍ୟନଗର ଅଞ୍ଚଳରେ ରହୁଥିବା ରେଣୁ ଦାସଙ୍କ ଘରେ ପଶିଥିଲା। ତାଙ୍କ ଘରେ ଥିବା ବିଭିନ୍ନ ପିତ୍ତଳ ପୂଜା ସାମଗ୍ରୀ ସବୁକୁ ଚୋରି କରି ନେଇଥିଲା। ରେଣୁ ଏ ନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଭରତପୁର ଅନ୍ତର୍ଗତ ଶିବ ମନ୍ଦିର ନିକଟରେ ଥିବା ଏକ କବାଡ଼ିଆ ଦୋକାନରେ ଚଢ଼ଉ କରି ସୁରଜକୁ ଗିରଫ କରିଥିଲା। ଏଥିସହିତ ତା' ହେପାଜତରୁ ଚୋରି ହୋଇଥିବା ସମସ୍ତ ପୂଜା ବାସନ ସାମଗ୍ରୀ ଓ ଅନ୍ୟ ଉପକରଣ ଜବତ କରିଥିଲା।

## ସାଲିଆସାହିରେ ଦେଶୀମଦ କାରଖାନା

## ଅବକାରୀ ଚଢ଼ଉ, ୧୫ ମହିଳା ଗିରଫ

**ଭୁବନେଶ୍ୱର, ୧୯ ।୧(ସମିସ):** ସାଲିଆସାହି ପାଲଟିଛି ଦେଶୀ ମଦ ପ୍ରସ୍ତୁତି କାରଖାନା। ପୁଲିସ ଏବଂ ଅବକାରୀ ବିଭାଗ ଯେତେ ଚଢାଉ କଲେ ମଧ୍ୟ ଏହି ଦେଶୀମଦ ବିକ୍ରି ବନ୍ଦ ହେଉନାହିଁ। ଆଜି ପୁଣି ଅବକାରୀ ବିଭାଗର ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ସାଲିଆସାହିର ବିଭିନ୍ନ ସ୍ଥାନରେ ଚଢାଉ କରି। ୫୦୦୦ ଲିଟ୍‌ର ଦେଶୀ ମଦ ଜବତ କରିବା ସହ ୧୫ଜଣ ମହିଳାଙ୍କୁ ଗିରଫ କରିଛି। ନିଶା ମାଫିଆ ଏହି ମହିଳା ମାନଙ୍କୁ ମୋହରା କରି ଦେଶୀ ମଦ ବେପାର କରୁଛନ୍ତି। ମହିଳାମାନଙ୍କୁ ୨ଶହ ଟଙ୍କା ପ୍ରତିଦିନ ଦେଇ ପ୍ରସ୍ତୁତ ପାଇଁ ରଖିଛନ୍ତି। ମହିଳା ଦେଶୀ ମଦକୁ ଖାଣ୍ଡିରେ ରୋଷେଇ କରି ମଦ ପ୍ରସ୍ତୁତ କରୁଛନ୍ତି।

## ମୋବାଇଲ ଲୁଟ୍; ଜଣେ ଗିରଫ

**ଭୁବନେଶ୍ୱର, ୧୯।୧(ସମିସ):** ପଥରରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭରତପୁରର ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟରେ ରହୁଥିବା ନାରାୟଣ ପ୍ରଧାନ (୩୩)। ପୁଲିସ ସୂଚନା ଅନୁସାରେ, ଗତକାଲି ଅପରାହ୍ଣରେ ସତ୍ୟବାଦୀ ପ୍ରଧାନ ନାମକ ବ୍ୟକ୍ତି ଫୁଲେଶ୍ୱରୀ ବସ୍ତି ନିକଟରେ ଥିବା ତାଙ୍କ ଫ୍ଲାଟ୍‌କୁ ଯାଉଥିଲେ। ସେହି ସମୟରେ ନାରାୟଣ ତାଙ୍କୁ ରାସ୍ତାରେ ଜୋରଜବରଦସ୍ତ ଅଟକାଇବା ସହିତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ସତ୍ୟବାଦୀ ବିରୋଧ କରିବାରୁ ନାରାୟଣ ହଠାତ୍ ଉତ୍ତ୍ୟକ୍ତ ହୋଇ ପାଖରେ ପଡ଼ିଥିବା ଏକ ପଥର ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲା। ସେ ତଳେ ପଡ଼ିଯିବା ପରେ ତାଙ୍କ ମୋବାଇଲ ଫୋନ୍‌କୁ ଛଡ଼ାଇ ନେଇ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏହି ଆକ୍ରମଣରେ ସତ୍ୟବାଦୀଙ୍କ ଶରୀରରେ ଗୁରୁତର ଆଘାତ ଲାଗିଥିବାବେଳେ ସେ ଭୟଭୀତ ହୋଇ ନିକଟସ୍ଥ ଜଣେ ସମ୍ପର୍କୀୟଙ୍କ ଘରେ ଆତ୍ମଗୋପନ କରିଥିଲେ। ସତ୍ୟବାଦୀଙ୍କ ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ରେଣ୍ଟାଲ କଲୋନୀ ମୋ ବସ ଷ୍ଟାଣ୍ଡ ନିକଟରେ ଚଢ଼ଉ କରି ନାରାୟଣକୁ କାବୁ କରିବା ସହ ସତ୍ୟବାଦୀଙ୍କ ମୋବାଇଲ ଫୋନ୍‌କୁ ଜବତ କରିଥିଲା।

## ସ୍କୁଟି ଚୋରକୁ ୨ ବର୍ଷ ଜେଲ୍



**ଭୁବନେଶ୍ୱର, ୧୯।୧(ସମିସ):** ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ର ବିଚାରପତି ସବ୍ୟସାଚୀ ପଣ୍ଡା ଗୋଟିଏ ସ୍କୁଟି ଚୋରି ମାମଲାର ବିଚାର କରି ଆସାମୀ ଟୁକୁନା ଓରଫ୍ ସାଜିଦ ଖାନକୁ ସଜା ଶୁଣାଇଛନ୍ତି। ସୂଚନା ଅନୁସାରେ, ୨୦୨୨ ମସିହା ଡିସେମ୍ବର ମାସ ୨୮ ତାରିଖ ଅପରାହ୍ନରେ ପ୍ରକାଶ କୁମାର ନାୟକ ତାଙ୍କ ସାଙ୍ଗ ସହ ଖଣ୍ଡଗିରି ପାହାଡ଼ ବୁଲିବାକୁ ଆସିଥିଲେ। ସେ ତାଙ୍କ ହୋଣ୍ଡା ଆକ୍ଟିଭା ଗାଡ଼ିକୁ ଖଣ୍ଡଗିରି ପାହାଡ଼ ପାର୍କିଂରେ ରଖି ବୁଲିବାକୁ ଯାଇଥିଲେ। ସେହି ସମୟରେ ସାଜିଦ ତାଙ୍କ ଗାଡ଼ିକୁ ଚୋରି କରି ନେଇଥିଲା। ବୁଲାବୁଲି ସାରି ଫେରିଲା ବେଳକୁ ଗାଡ଼ି ନଥିବାର ଦେଖି ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରକାଶଙ୍କ ଅଭିଯୋଗ ଭିତ୍ତିରେ ଖଣ୍ଡଗିରି ଥାନା କେସ ନଂ-୬୨୩/୨୦୨୩ ଦଫା- ୩୭୯ ଆଇପିସିରେ ମାମଲା ରୁଜୁ କରିବା ସହ ଥାନାର ସବ-ଇନ୍ସପେକ୍ଟର କ୍ଷମା ସାଗର ନାୟକଙ୍କୁ ଏହାର ତଦନ୍ତ ଭାର ଦିଆଯାଇଥିଲା। ଶ୍ରୀ ନାୟକ ଏହି ମାମଲାକୁ ସଠିକ ଭାବରେ ତଦନ୍ତ କରିବା ସହିତ ସମ୍ପୃକ୍ତ ଅଭିଯୁକ୍ତ ଟୁକୁନା ଓରଫ ସାଜିଦ ଖାନକୁ ଗିରଫ କରିଥିଲେ। ସାଜିଦ ହେପାଜତରୁ ପ୍ରକାଶଙ୍କ ଗାଡ଼ି ସହିତ ଅନ୍ୟ ଚୋରା ଗାଡ଼ି ସବୁ ଜବତ କରିଥିଲେ। ଉପରୋକ୍ତ ମାମଲାର ବିଚାର କରି ଅଦାଲତ ସାକ୍ଷୀମାନଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ଟୁକୁନା ଓରଫ ସାଜିଦ ଖାନକୁ ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ଜୋରିମାନା ଆଦେଶଦେଇଛନ୍ତି। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ଉପରୋକ୍ତ ମାମଲାକୁ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆସାମୀ ଟୁକୁନା ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତା ନାମରେ ୨୦ରୁ ଅଧିକ ଗାଡ଼ି ଚୋରି ମାମଲା ବିଚରାଧୀନ ରହିଛି।

## ମାରପିଟ୍ କରି ବନ୍ଧାହେଲେ ଶଳା, ଭିଣୋଇ





**ଭୁବନେଶ୍ୱର, ୧୯।୧ (ସମିସ):** ପାରିବାରିକ ବିଶୃଙ୍ଖଳାରୁ ହାତାହାତି ହୋଇଥିବା ଶଳା ଓ ଭିଣୋଇକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଯଦୁପୁରର ଏସ୍‌କେ ସବିର (୪୨) ଓ ତାଙ୍କ ଶାଳକ ତଥା ଆଜାଦ ନଗରର ଚିଣ୍ଟୁ ଓରଫ୍ ଏସ୍‌କେ ରେହମତ (୨୮)। ଆଜାଦ ନଗରରେ ରହୁଥିବା ଚିଣ୍ଟୁର ଭଉଣୀ ଯଦୁପୁରର ସବିରକୁ ବିବାହ କରିଛନ୍ତି। କୌଣସି କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ଚିଣ୍ଟୁର ଭଉଣୀ କିଛି ଦିନ ପୂର୍ବେ ଶାଶୂଘର ଛାଡ଼ି ବାପଘର ଆଜାଦ ନଗରରେ ଆସି ରହୁଥିଲେ। ସବିର ଗତକାଲି ଆଜାଦ ନଗରସ୍ଥିତ ଶଶୁର ଘରକୁ ଆସି ଚିଣ୍ଟୁର ଭଉଣୀଙ୍କୁ ମାରପିଟ୍ କରିଥିଲା। ଭଉଣୀକୁ ଆକ୍ରମଣ କରୁଥିବାରୁ ଚିଣ୍ଟୁ ବିରୋଧ କରିଥିଲେ। ଏହାକୁ ନେଇ ଚିଣ୍ଟୁ ଓ ସବିରଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଏଥିସହିତ ଉଭୟପକ୍ଷ ପରସ୍ପରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଆକ୍ରମଣ କରିଥିଲେ। ଏ ନେଇ ଏୟାରଫିଲ୍ଡ ଥାନାରେ ଦୁଇ ପକ୍ଷରୁ ଅଭିଯୋଗ ହେବାପରେ ପୁଲିସ ଦୁଇଟି ମାମଲା ରୁଜୁ କରିଥିଲା। ଶୁକ୍ରବାର ସବିର ଓ ଚିଣ୍ଟୁକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ଗଣ୍ଡଗୋଳ ମାମଲାରେ ବାପା ଗିରଫ, ପୁଅ ଫେରାର

**ବାଲିଅନ୍ତା, ୧୯ ।୧(ସମିସ):** ବାଲିଅନ୍ତା ଥାନା ପୁଲିସ ଅଭିଯୋଗକାରିଣୀ ପ୍ରୀତିପ୍ରଜ୍ଞା ମହାପାତ୍ରଙ୍କ ଅଭିଯୋଗ ଭିତ୍ତିରେ ଶୁକ୍ରବାର ନାରାୟଣ ଦାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ନାରାୟଣଙ୍କ ଜାମିନ ଖାରଜ ହୋଇଯିବାରୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ପ୍ରୀତିପ୍ରଜ୍ଞା ଏବଂ ନାରାୟଣ ପ୍ରତାପଶାସନ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ପରସ୍ପରର ପଡ଼ୋଶୀ। ଗତ ୧୩ ତାରିଖ ଅପରାହ୍ଣରେ ପ୍ରୀତିପ୍ରଜ୍ଞାଙ୍କ ବାପା ପ୍ରଫୁଲ୍ଲ ମହାପାତ୍ର ଘର ପଛ ପାଖ ବଗିଚାରେ ଘାସ ସଫା କରୁଥିଲେ। ସେଠାରେ ନାରାୟଣ ଏବଂ ତାଙ୍କ ସାନ ପୁଅ ଶିବ ପ୍ରସାଦ ନିଜ ପୋଷା କୁକୁରକୁ ପରିସ୍ରା କରାଉଥିଲେ। ପ୍ରଫୁଲ୍ଲ ଏହାକୁ ବିରୋଧ କରିଥିଲେ। ଏ ନେଇ ଉଭୟ ଅଭିଯୁକ୍ତ ନାରାୟଣ ଏବଂ ତାଙ୍କର ପୁଅ ଶିବ ପ୍ରସାଦ ହଠାତ୍ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରିଦେଇଥିଲେ। ପ୍ରଫୁଲ୍ଲ ଏହାର ବିରୋଧ କରିବାରୁ ଉଭୟ ବାପ ପୁଅ ସାବଳ ଏବଂ ଲୁହାଛଡ଼ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ପ୍ରଫୁଲ୍ଲ ଗୁରୁତର ଆହତ ହୋଇଥିବାବେଳେ ତାଙ୍କ ପାଟି ଶୁଣି ପ୍ରୀତିପ୍ରଜ୍ଞା ଏବଂ ତାଙ୍କ ମା' ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ଲାଗି ପ୍ରୟାସ କରିଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ପ୍ରୀତିପ୍ରଜ୍ଞା ଏବଂ ତାଙ୍କ ବାପା ପ୍ରଫୁଲ୍ଲଙ୍କୁ ଅଶ୍ରାବ୍ୟ ଭାଷାରେ ଗଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ଅନ୍ୟ କୌଣସି ଉପାୟ ନପାଇ ଶେଷରେ ପ୍ରୀତିପ୍ରଜ୍ଞା ପୁଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିଥିଲେ। ସୂଚନା ପାଇ ପିସିଆର୍ ଘଟଣାସ୍ଥଳରେ ପହଞ୍ଚିବା ଦେଖି ଉଭୟ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଝିଅ ପ୍ରୀତିପ୍ରଜ୍ଞା ପିସିଆର୍ ସହାୟତାରେ ବାପାଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଘଟଣାର ଅଭିଯୋଗ ପରେ, ପୁଲିସ ମାମଲାର ତଦନ୍ତ କରିବା ସହିତ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପ୍ରତାପ ଶାସନ ଅଞ୍ଚଳରେ ଚଢ଼ଉ କରିବା ସହିତ ଆଜି ନାରାୟଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବାବେଳେ ଘଟଣାରେ ବ୍ୟବହୃତ ଶାବଳକୁ ମଧ୍ୟ ଜବତ କରିଥିଲେ। ପଚରାଉଚରା ବେଳେ, ଅଭିଯୁକ୍ତ ଜଣକ ନିଜ ଅପରାଧ ସ୍ୱୀକାର କରିଥିଲେ। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଥିବାବେଳେ ଅନ୍ୟତମ ଅଭିଯୁକ୍ତ ପୁଅ ଶିବପ୍ରସାଦ ଖୁବ୍‌ଶୀଘ୍ର ଗିରଫ ଲାଗି ଚଢ଼ଉ ଜାରି ରହିଛି।

# ନିର୍ବାଚନ ପୂର୍ବରୁ ଜେଲ୍ ଯିବେ ଅପରାଧୀ

**ଭୁବନେଶ୍ୱର, ୧୯ ।୧(ସମିସ):**

- ଥାନା ଅଧିକାରୀ ଡିସିପିଙ୍କୁ ଦେଲେ ହାର୍ଡକୋରଙ୍କ ତାଲିକା
- ସହରରେ ୨୨୦ରୁ ଊର୍ଦ୍ଧ୍ୱ ହାର୍ଡକୋର ଅପରାଧୀ
- ସିଆର୍‌ପି ୧୧୦, ୧୦୭ ଲଗାଇବାକୁ ନିର୍ଦ୍ଦେଶ
- ୧୩ରୁ ଊର୍ଦ୍ଧ୍ୱ ମାମଲା ଥିବା ଅପରାଧୀ ବି ତାଲିକାରେ ସାମିଲ୍

ଆଗକୁ ଆସୁଛି ସାଧାରଣ ନିର୍ବାଚନ। ରାଜଧାନୀରେ ଯେପରି ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ଶେଷ ହେବ ତାହା ଉପରେ ପୁଲିସ ଗୁରୁତ୍ୱ ଦେଉଛି। ଆଇନ ଶୃଙ୍ଖଳା ଯେମିତି ଭଙ୍ଗ ନହୁଏ, ସେଥିପ୍ରତି ପୁଲିସ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି। ତେଣୁ ନିବାଚନ ପୂର୍ବରୁ ରାଜଧାନୀରେ ଥିବା ସବୁ ହାର୍ଡକୋର ଅପରାଧୀଙ୍କୁ ଗିରଫ କରାଯିବ। କାରଣ ଅନେକ ରାଜନେତା ଆସନ୍ତା ସାଧାରଣ ନିର୍ବାଚନରେ ଏହି ଅପରାଧୀଙ୍କୁ ବ୍ୟବହାର କରିବାର ଅଧିକ ସମ୍ଭାବନା ରହିଛି। କିଛି ନେତା ଏମାନଙ୍କୁ ଭୋଟ ହାତେଇବା ପାଇଁ ବ୍ୟବହାର କରିବା ସହ ବୋମା ମାଡ଼, ଗୁଳିମାଡ଼ ଆଦି କାର୍ଯ୍ୟରେ ନିୟୋଜିତ କରିପାରନ୍ତି। ତେଣୁ ପୁଲିସ ରାଜଧାନୀରେ ଥିବା ହାର୍ଡକୋର ଅପରାଧୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଡିସିପି ପ୍ରତୀକ ସିଂ ରାଜଧାନୀ ଭୁବନେଶ୍ୱରରେ ଥିବା ସମସ୍ତ ଥାନା ଅଧିକାରୀଙ୍କୁ ୧୫ ଦିନ ପୂର୍ବରୁ ଅପରାଧୀଙ୍କ ତାଲିକା ଦେବାକୁ କହିଥିଲେ। ସମସ୍ତ ଥାନାର ଅଧିକାରୀ ନିଜ ନିଜ ଅଞ୍ଚଳରେ ଥିବା ହାର୍ଡକୋର ଅପରାଧୀଙ୍କ ତାଲିକା କରି ଡିସିପିଙ୍କୁ ଦେଇଛନ୍ତି। ତେଣୁ ତାଲିକା ଆଧାରରେ ନିର୍ବାଚନ ପୂର୍ବରୁ ପୁଲିସ ସେମାନଙ୍କୁ ଗିରଫ କରି ଝାରପଡ଼ା ଜେଲ୍‌ର ଚାରି କାନ୍ଥ ଦେଖାଇବ। ଏଥର ତାଲିକାରେ ଯେଉଁମାନଙ୍କ ନାମରେ ୧୩ରୁ ଊର୍ଦ୍ଧ୍ୱ ମାମଲା ରହିଛି, ସେମାନଙ୍କୁ ସାମିଲ୍ କରାଯାଇଛି। ତେଣୁ ପୁଲିସ ଏବେଠୁ ସହରରୁ ଅପରାଧୀ କ୍ଲିନ୍ କରିବା ପାଇଁ ଯୋଜନା କରିଛି।

### କେଉଁ ଥାନା ଅଞ୍ଚଳରେ କେତେ ଅପରାଧୀ

ମିଳିଥିବା ତଥ୍ୟ ଅନୁସାରେ ରାଜଧାନୀରେ ୨୨୦ରୁ ଊର୍ଦ୍ଧ୍ୱ ପେସାଦାର ଅପରାଧୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୮୦ଜଣ ଜେଲ୍ ଭିତରେ ଥିବାବେଳେ ୧୪୦ଜଣ ବାହାରେ ଥିବା ଜଣାପଡ଼ିଛି। ନୂଆପଲ୍ଲୀରେ ସର୍ବାଧିକ ୨୫ଜଣ ଅପରାଧୀ ଥିବାବେଳେ ଖଣ୍ଡଗିରିରେ ୨୦ଜଣ ଅଛନ୍ତି। ସେହିପରି ପାହାଳ ୮ଜଣ, ବାଲିପାଟଣା ୧୮, ବାଲିଅନ୍ତା ୭ଜଣ, ଇନ୍‌ଫୋସିସି ୪ଜଣ, ତମାଣ୍ଡୋ ୧୨, ସହିଦନଗର ୧୭ଜଣ ଅଛନ୍ତି। ସେହିପରି ମଞ୍ଚେଶ୍ୱର ୧୩ଜଣ, ଲକ୍ଷ୍ମୀସାଗର ଥାନା ୧୫ ଜଣ, ବଡ଼ଗଡ଼ ୮, କ୍ୟାପିଟାଲ ୧୫ ଜଣ ଅଛନ୍ତି। ଏୟାରପୋର୍ଟ ଥାନା ୫ଜଣ, ଏୟାରଫିଲ୍ଡ ୧୧, ଧଉଳି ୧୦ଜଣ, ଚନ୍ଦ୍ରଶେଖରପୁର ୯ଜଣ, ଇନ୍‌ଫୋସିଟି ୮ଜଣ, ନନ୍ଦନକାନନ ୫ଜଣ ଏବଂ ଭରତପୁର ଥାନା ଅଞ୍ଚଳରେ ୧୦ଜଣ ହାର୍ଡକୋର ଅପରାଧୀ ଅଛନ୍ତି।

### ଜେଲ୍‌ରୁ ନବାହାରିବା ପାଇଁ ୧୦୭, ୧୧୦

ଏହି ହାର୍ଡକୋର ଅପରାଧୀ ଯେପରି ଜେଲ୍‌ରୁ ବାହାରି ନପାରିବେ ସେଥିଲାଗି ପୁଲିସ ସେମାନଙ୍କ ବିରୋଧରେ ସିଆରପିସି ଧାରା ୧୧୦ ଏବଂ ୧୦୭ ଲଗାଇ ଜେଲ୍ ପଠାଉଛନ୍ତି। ଯେଉଁଥି ପାଇଁ ସେମାନେ ଜେଲ୍‌ରୁ ବାହାରିବାକୁ ୬ରୁ ୮ ମାସ ଲାଗୁଛି। ସେମାନେ ପୁଣି ଜେଲ୍‌ରୁ ବେଲ୍ ପାଇଲେ, ପୁଲିସ ଆଉ ଏକ ନୂଆ ମାମଲା ଲଗାଉଛି। ଯେଉଁଥି ପାଇଁ ଏହି ଅପରାଧୀ ଏବେ ଜେଲ୍‌ରେ ସଡ଼ି ସଡ଼ି ସାବାଡ଼ ହେବେ।

### ଭୟରେ ଏକାଧିକ ଅପରାଧୀ ଛାନିଆ

ନିର୍ବାଚନ ଆସୁଥିବାରୁ ପୁଲିସ ଅପରାଧିଙ୍କ ତାଲିକା ମାଗିଥିବା ହାର୍ଡକୋର ଅପରାଧି ଖବର ପାଇଛନ୍ତି। ତେଣୁ ସେମାନଙ୍କ ନାମ ତାଲିକାରେ ଅଛକି ନାହିଁ ଜାଣିବା ପାଇଁ ଚେଷ୍ଟା କରୁଛନ୍ତି। ସେମାନେ ନଜର ସମ୍ପର୍କୀୟ ପୁଲିସ ହୁଅନ୍ତୁ କିମ୍ବା ଅନ୍ୟମାନଙ୍କ ଦ୍ୱାରା ତାଲିକା ସମ୍ପର୍କରେ ପଚାରୁଛନ୍ତି। ତେଣୁ ଏବେ ଅନେକ ଅପରାଧି ଭୟରେ ସହର ଛାଡ଼ି ଦେଇଥିବା ଜଣାପଡ଼ିଛି। ପୂର୍ବପାର୍ବଣ, ନୂଆବର୍ଷ ଏବଂ ନିର୍ବାଚନ ପୂର୍ବରୁ ଏହି ହାର୍ଡକୋର ସହର ଛାଡ଼ି ପଳାଉଛନ୍ତି। ଏହି ସବୁ ସମୟ ଗଡି ଯିବା ପରେ ପୁଣି ଆସୁଛନ୍ତି। ତେଣୁ ପୁଲିସ ଏବେ ଅପରାଧି ଫେରାର ହେଲେ ମଧ୍ୟ ତାଲିକାରେ ନାଁ ଥିଲେ ଯେଉଁଠି ବି ଲୁଚିଲେ ପୁଲିସ ଚଢଉ କରି ଗିରଫ କରିବ।

### ରାତିଅଧିଆ ଚଢ଼ଉକୁ ଗୁରୁତ୍ୱ

ଫେରାର ଥିବା ହାର୍ଡକୋର ଅପରାଧୀଙ୍କୁ ଧରିବା ପାଇଁ ଡିସିପିଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ଥାନାରେ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ରାତି ଅଧିଆ ଅପରାଧୀଙ୍କ ଘରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିବ। ଯଦି ସେମାନେ ଫେରାର ରହିଥିବେ ତେବେ ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରାଯାଇ ଗିରଫ କରିବା ପାଇଁ ଉଦ୍ୟମ କରିବାକୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି। ଏହି ଚଢ଼ଉ ଟିମ୍‌ରେ ପିଓପିଡି ଟିମ୍‌ର ଅଧିକାରୀମାନେ ସାମିଲ୍ ହେବେ ବୋଲି ଜଣାପଡ଼ିଛି। ଏଭଳି ହେବା ଦ୍ୱାରା ଅପରାଧୀ କ୍ଲିନ୍ ରାଜଧାନୀ ହେବ ବୋଲି ପୁଲିସ ଆଶା ରଖିଛି।









ଶୁକ୍ରବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି 'କାଳିଆ' ହିତାଧିକାରୀ

# ଚନ୍ଦକାରେ ଆରମ୍ଭ ହେବ ନାଇଟ୍ ସଫାରୀ

## ରାତିବେଳା ଜଙ୍ଗଲରେ ବୁଲିବେ ପର୍ଯ୍ୟଟକ

**ଭୁବନେଶ୍ୱର, ୧୯ ।୧(ସମିସ):** ଚନ୍ଦକା ବନ୍ୟପ୍ରାଣୀ ଅଭୟାରଣ୍ୟରେ ଖୁବଶୀଘ୍ର ରାତ୍ରିକାଳୀନ ଭ୍ରମଣ ସୁବିଧା ଉପଲବ୍ଧ ହେବ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟର ଭରତପୁର ସେକ୍ସନ୍‌ରେ ଜାନୁଆରୀ ୨୯ ତାରିଖରୁ ଏହି ରାତ୍ରିକାଳୀନ ଟ୍ରେଲ୍ ବା ନାଇଟ୍ ଟ୍ରେଲ୍ ଆରମ୍ଭ କରିବାକୁ ଯୋଜନା କରାଯାଇଛି। ଏହି ସେବା ଆରମ୍ଭ ହେବା ପରେ ପର୍ଯ୍ୟଟକମାନେ ରାତିରେ ମଧ୍ୟ ଜଙ୍ଗଲ ସଫାରୀ କରିବା ସହ ବନ୍ୟପ୍ରାଣୀଙ୍କୁ ଦେଖିବାର ମଜା ନେଇପାରିବେ। ଶୁକ୍ରବାର ଏନେଇ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି।




କାର୍ଯ୍ୟବ୍ୟସ୍ତତା ଯୋଗୁଁ ଅନେକ ଲୋକ ଚନ୍ଦକା ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଆସି ପାରୁ ନାହାନ୍ତି। ଏଠାରେ କେବଳ ଦିନରେ ସଫାରୀ ବ୍ୟବସ୍ଥା ଥିବାରୁ ପ୍ରକୃତି ପ୍ରେମୀମାନେ ଇଚ୍ଛା ଥାଇ ମଧ୍ୟ ଅଭୟାରଣ୍ୟ ବୁଲିବାରୁ ବଞ୍ଚିତ ହେଉଛନ୍ତି। ନାଇଟ୍ ସଫାରୀ ବ୍ୟବସ୍ଥା ପ୍ରଚଳନ କରି ଏଭଳି ଲୋକଙ୍କୁ ଚନ୍ଦକା ଜଙ୍ଗଲକୁ ଆକୃଷ୍ଟ କରିବା ପାଇଁ ବନ ବିଭାଗ ଯୋଜନା କରିଛି। ରାତିବେଳା ଅଭୟାରଣ୍ୟ ସୌନ୍ଦର୍ଯ୍ୟ ଅନୁଭବ କରିବା ସହ ପର୍ଯ୍ୟଟକମାନେ ହରିଣ, ବଣୁଆ ଘୁଷୁରୀ ଓ ହାତୀ ଭଳି ବନ୍ୟଜନ୍ତୁଙ୍କୁ ଦେଖିପାରିବେ ବୋଲି ପିସିସିଏଫ୍ କହିଛନ୍ତି। ପର୍ଯ୍ୟଟକମାନେ ରାତି ୯ଟା ପର୍ଯ୍ୟନ୍ତ ସଫାରିର ମଜା ନେଇପାରିବେ ବୋଲି ଯୋଜନା କରାଯାଇଥିବା ବେଳେ ରାତି ୯ଟାରୁ ସକାଳ ସାଢ଼େ ୯ଟା ପର୍ଯ୍ୟନ୍ତ ଏହା ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଟ୍ରେଲ ଯୋଗୁଁ ବନ୍ୟଜନ୍ତୁ ଯେପରି ହଇରାଣ ନ ହୁଅନ୍ତି ସେଥିପାଇଁ ବନ ବିଭାଗ ଯଥେଷ୍ଟ ସତର୍କତା ଅବଲମ୍ବନ କରିବ ବୋଲି ଶ୍ରୀ ନନ୍ଦ କହିଛନ୍ତି। ଏହି ପଦକ୍ଷେପ ଦ୍ୱାରା ବନ୍ୟପ୍ରାଣୀ ପ୍ରେମୀ, ଗବେଷକ ଏବଂ ଛାତ୍ରଛାତ୍ରୀମାନେ ବହୁ ଉପକୃତ ହେବେ ଏବଂ ଚନ୍ଦକାଠାରେ ରାତି ସଫାରୀରେ ରାତ୍ରିକାଳୀନ ପଶୁମାନଙ୍କୁ ଦେଖିବା ଏବଂ ନିରୀକ୍ଷଣ କରିବାର ସୁଯୋଗ ପାଇବେ ବୋଲି ସେ କହିଛନ୍ତି। ପୂର୍ବରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ପିସିସିଏଫ୍ ଏଚ୍ ଓଏଫ୍ ଦେବୀଦତ୍ତ ବିଶ୍ୱାଳ, ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ୍ ସୁଶାନ୍ତ ନନ୍ଦ ଗୋଡ଼ିବାରି ଅଞ୍ଚଳ ପରିଦର୍ଶନ କରିଥିଲେ। ଏହାପରେ ଏଠାରେ ନାଇଟ୍ ଟ୍ରେଲ୍ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ଟିମ୍ ଫରେଷ୍ଟ ଜାଣିବାକୁ ପାଇଥିଲେ। ଏହା ପରେ ଏହି ନିଷ୍ପତ୍ତି ନିଆଯାଇଛି।

## ଏସ୍‌ଆଇ ଓ ଏଏସ୍‌ଆଇ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧୯।୧(ସମିସ):** ଶୁକ୍ରବାର ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାର ସବ୍ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟରସ୍ତରରେ ଅଦଳବଦଳ ହୋଇଛି। ସମୁଦାୟ ୨୩ ଜଣ ପୁଲିସ ଅଧିକାରୀଙ୍କୁ ବିଭିନ୍ନ ଥାନା, ଫାଣ୍ଡି ଓ କାର୍ଯ୍ୟାଳୟକୁ ବଦଳି କରାଯାଇଛି। କମିସନରେଟ୍ ପୁଲିସ ଭୁବନେଶ୍ୱର ୟୁପିଡିର ୧୮ ଜଣ ଏସଆଇଙ୍କର ବଦଳି ହୋଇଛି। କ୍ୟାପିଟାଲ ଥାନାରେ କାର୍ଯ୍ୟରତ ଯୁଗଳ ସ୍ୱାଇଁଙ୍କୁ ବନମାଳୀପୁର ଫାଣ୍ଡିକୁ ବଦଳି କରାଯାଇଛି। ଖାରବେଳନଗର ଥାନାର ସ୍ୱର୍ଣ୍ଣ ପ୍ରକାଶ ମହାନ୍ତିଙ୍କୁ ଭରତପୁର ଥାନା, ଖଣ୍ଡଗିରି ଥାନାର ବାଦଲ ବରାଳଙ୍କୁ ଡିସିପି ଅଫିସକୁ ବଦଳି କରାଯାଇଛି। ସେହିପରି ଭରତପୁର ଥାନାରେ କାର୍ଯ୍ୟରତ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ ଲକ୍ଷ୍ମୀସାଗର, ଲକ୍ଷ୍ମୀସାଗର ଥାନାର ରମାନନ୍ଦ ସାହୁଙ୍କର ବାଲିଅନ୍ତା ଥାନାକୁ ବଦଳି ହୋଇଛି। ବନମାଳୀପୁର ଫାଣ୍ଡିର ହରେକୃଷ୍ଣ ପ୍ରଧାନଙ୍କର କ୍ୟାପିଟାଲ ଥାନା, ଚନ୍ଦ୍ରଶେଖରପୁର ଥାନାର ଧରଣୀଧର ପିଙ୍ଗଙ୍କୁ ନିର୍ବାଚନ ସେଲ, ରିଜର୍ଭ ଅଫିସର ସ୍ମୃତିରଞ୍ଜନ ମହାନ୍ତିଙ୍କୁ ପାହାଳ ଥାନା, ଆର୍ତ୍ତବଲ୍ଲଭ କରଙ୍କୁ ବଡ଼ଗଡ଼ ଥାନା, ଶୁଭେନ୍ଦୁ ଶେଖର ସାହୁଙ୍କୁ ଖାରବେଳ ନଗର ଥାନା, ଜଗନ୍ନାଥ ନାୟକଙ୍କୁ ଲକ୍ଷ୍ମୀସାଗର ଥାନା, ବିଭୁ ନାରାୟଣ ସାହୁଙ୍କୁ ଧଉଳି ଥାନା, ଉମାକାନ୍ତ ସାହୁଙ୍କୁ ତମାଣ୍ଡୋ ଥାନା, ସନ୍ତୋଷ କରଙ୍କୁ ଲିଙ୍ଗରାଜ ଥାନା, ନବଘନ ସାହୁଙ୍କୁ ଭୁବନେଶ୍ୱର ସଦର କୋର୍ଟ, କ୍ଷେମେନ୍ଦ୍ର ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ବଡ଼ଗଡ଼ ଥାନା, ମିର୍ଜା ଅନୱର ବାଗଙ୍କୁ ଡିଆଇବିକୁ ବଦଳି କରାଯାଇଛି। ସେହିଭଳି ଜଟଣୀ ଥାନାର ସ୍ୱାତୀ ସ୍ନିଗ୍ଧା ନାୟକଙ୍କୁ ପାହାଳ ଥାନାକୁ ବଦଳି ହୋଇଛି। ଏଏସ୍‌ଆଇ ସ୍ତରର ୫ ଜଣ ଅଧିକାରୀଙ୍କ ବଦଳି ହୋଇଛି। ରିଜର୍ଭ ଅଫିସର ନିନି ଭୁକ୍ତାଙ୍କୁ ଭୁବନେଶ୍ୱର ସଦର କୋର୍ଟ, ସବିତା କରଙ୍କୁ ମୈତ୍ରୀ ବିହାର ଥାନା, ସୂର୍ଯ୍ୟମଣି ନାୟକଙ୍କୁ ଟ୍ରାଫିକ, ଥବିର କୁମାର ଖରାଙ୍କୁ ଜଟଣୀ ଥାନା ଓ ଜଟଣୀ ଥାନାର କାଳୀଶଙ୍କର ପଣ୍ଡାଙ୍କୁ ଜୋନ୍ ୧ ଏସିପିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

# ବିଡିଏ ଷ୍ଟାଫ୍ କ୍ୱାର୍ଟର୍ସରୁ ହଟିଲା ଜବରଦଖଲ

## ଖାଲି ସ୍ଥାନ ଦେଖି ମାଡ଼ି ବସିଥିଲେ ପୂର୍ବତନ କର୍ମଚାରୀ

**ଭୁବନେଶ୍ୱର, ୧୯।୧(ସମିସ):** ବିଡିଏ ଷ୍ଟାଫ୍ କ୍ୱାର୍ଟର୍ସରେ ଜବରଦଖଲ। ଏଠାରେ ରହୁଥିବା ବିଡିଏର ପୂର୍ବତନ କର୍ମଚାରୀମାନେ ପ୍ରାୟ ୭ରୁ ୮ହଜାର ବର୍ଗ ଫୁଟ୍ ମୂଲ୍ୟବାନ ସରକାରୀ ଜମି ଜବରଦଖଲ କରିଥିଲେ। ଏମାନେ କ୍ୱାର୍ଟର୍ସ ପାଇବା ପରେ ଖାଲି ସ୍ଥାନ ଦେଖି ଏଠାରେ ବେଆଇନ୍‌ଭାବେ ଆଜବେଷ୍ଟସ୍ ଘର ନିର୍ମାଣ କରିଥିଲେ। ସମ୍ପୃକ୍ତ କର୍ମଚାରୀମାନେ ଅବସର ନେବା ପରେ ଏମାନଙ୍କ କ୍ୱାର୍ଟର୍ସ ପରିସରରେ ଥିବା ଖାଲିସ୍ଥାନ ମାଡିବସି ଘର ନିର୍ମାଣ କରିବା କେଳେଙ୍କାରୀ ସାମ୍ନାକୁ ଆସିଲା। ଏହାପରେ ବିଡିଏରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ବିଡିଏର ୩ ଜଣ ପୂର୍ବତନ କର୍ମଚାରୀ ଏଠାରେ ଗୃହ ନିର୍ମାଣ କରିଛନ୍ତି।



ଏହାପରେ ବେଆଇନ୍ ଭାବେ ଜବରଦଖଲରେ ଥିବା ଘରଗୁଡିକୁ ଭାଙ୍ଗି ଦିଆଯାଇଥିଲା। ଶୁକ୍ରବାର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଗୋବିନ୍ଦପ୍ରସାଦ ମୌଜାରେ ଥିବା ଷ୍ଟାଫ୍ କ୍ୱାର୍ଟର୍ସରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସିଏମ୍‌ଏସି ଯୋଜନାରେ ରାଜଧାନୀରେ ଚାଲିଥିବା ଜବରଦଖଲ ହଟାଅ ଅଭିଯାନ ଅଧୀନରେ ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍ ଏହି ଜବରଦଖଲକୁ ଉଚ୍ଛେଦ କରିଛି। ଉଚ୍ଛେଦ ଅଭିଯାନରେ ୧୦ଖଣ୍ଡ ଆଜବେଷ୍ଟ ଘର, ୩ଟି ଲାଟ୍ରିନ୍‌କୁ ଭଙ୍ଗାଯାଇ ଉକ୍ତ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୁଲିସକୁ ଏନେଇ ଅବଗତ କରାଯାଇଥିଲା। ତେଣୁ ଉଚ୍ଛେଦ ବେଳେ ପୁଲିସ ମୁତୟନ କରାଯାଇଥିଲା। ଷ୍ଟାଫ୍ କ୍ୱାର୍ଟର୍ସକୁ ଜବରଦଖଲ କରି ଏହାକୁ ଭଡା ଲଗାଇବା ଭଳି ଘଟଣା ନୂଆ ନୁହେଁ। ବିଭାଗୀୟ ଯାଞ୍ଚର ଅଭାବ ଏବଂ କର୍ମଚାରୀ କର୍ମଚାରୀଙ୍କ ମଧ୍ୟରେ ସଲାସୁତରା ଏହି କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛି। ଯାହାଫଳରେ କର୍ମଚାରୀଙ୍କୁ ରହିବା ଉଦ୍ଦେଶ୍ୟରେ ଦିଆଯାଇଥିବା

# ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର, ୧୯ ।୧(ସମିସ):** ଆସନ୍ତା ୨୬ ତାରିଖରେ ମହାତ୍ମାଗାନ୍ଧୀ ମାର୍ଗରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଅନୁଷ୍ଠିତ ହେବ। ଏଥିଲାଗି ପୁଲିସ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସୁରକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭ କରି ଟ୍ରାଫିକ୍ ପରିଚାଳନା ସମସ୍ତ ଯୋଜନା ଶେଷ ହୋଇଛି। ଆଜି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଗାନ୍ଧୀମାର୍ଗରେ ପହଞ୍ଚି ପାରମ୍ପିତ ପ୍ରସ୍ତୁତି ସମୀକ୍ଷା କରିଥିଲେ। କେଉଁଠି ଭିଭିଆଇପି, ଭିଆଇପି ବସିବେ। ଆଉ କେଉଁଠି ସାଧାରଣ ଲୋକ ଏବଂ ଗଣମାଧ୍ୟମ ପ୍ରତିନିଧି ରହିବେ। ଗାନ୍ଧୀମାର୍ଗରେ କେତେ କ୍ୟାମେରା ଲାଗିବ ଏବଂ କେତେ ସୁରକ୍ଷାକର୍ମୀ ରହିବେ। ସେନେଇ ଡିସିପି ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ବିଶେଷ କରି ସୁରକ୍ଷା ଓ ଜନସାଧାରଙ୍କ ଆସିବା ଏବଂ ଯିବ ଉପରେ ସମୀକ୍ଷା ହୋଇଥିଲା। ଗାନ୍ଧୀମାର୍ଗରେ ସୁରକ୍ଷା ଦୃଷ୍ଟିରୁ ୩୫ଟି କ୍ୟାମେରା, ୨୨ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବ। ସୁରକ୍ଷା ବ୍ୟବସ୍ଥାକୁ ନଜରରେ ରଖି ଆଗକୁ ଯୋଜନା କରାଯାଇ ଅଧିକ ପୁଲିସ ଫୋର୍ସ ମୁତୟନ କରାଯିବ, ଏନେଇ କିଛି ନିଷ୍ପତ୍ତି ହୋଇନଥିବା ଡିସିପି କହିଛନ୍ତି। ଆହୁରି ମଧ୍ୟ ପୁଲିସ ପକ୍ଷରୁ ଟ୍ରାଫିକ କଟକଣା ସହ ଯାନବାହାନ ଚଳାଚଳ

**ସୁରକ୍ଷା, ଟ୍ରାଫିକ୍ ପରିଚାଳନା ନେଇ ଡିସିପିଙ୍କ ସମୀକ୍ଷା**

**ଗାନ୍ଧୀମାର୍ଗରେ ଲାଗିବ ୩୫ଟି ସିସି କ୍ୟାମେରା**

**ଜଗିବ ୨୨ ପ୍ଲାଟୁନ୍ ଫୋର୍ସ**

ଉପରେ ନକ୍ସା ପ୍ରସ୍ତୁତ ହୋଇଛି। ସବୁ ବର୍ଷ ପରି କିଛି ରାସ୍ତାରେ ନିର୍ଦ୍ଦିଷ୍ଟ ସମୟ ପାଇଁ ରେକ ଲଗାଯିବ। ଆସନ୍ତା ୨୬ ତାରିଖ ସକାଳ ସାଢ଼େ ୬ଟାରୁ 'ଗାନ୍ଧିମାର୍ଗ'ର୍ ସାଧାରଣ ଲୋକଙ୍କ ପାଇଁ ବନ୍ଦ ରହିବ। ଉକ୍ତ ରାସ୍ତା ଦେଇ ଯାଉଥିବା ବ୍ୟକ୍ତି ବିକଳ୍ପ ରାସ୍ତାରେ ଯିବେ। ସକାଳ ୬ଟା ୩୦ରୁ ଉକ୍ତ ରାସ୍ତାରେ ଟ୍ରାଫିକ୍ କଟକଣା ଆରମ୍ଭ ହେବ। ଏଥିପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ରୁଟ୍ ଧାର୍ଯ୍ୟ କରାଯିବ। ସକାଳ ସାଢେ ୬ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ଗାଡି ଚଳାଚଳ ଉପରେ ମଧ୍ୟ କଟକଣା କରାଯିବ। ଏନେଇ କମିଶନାରଟ୍ ପୁଲିସ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି କରାଯାଇ ସର୍ବସାଧାରଣ ଲୋକଙ୍କୁ ଅବଗତ କରାଯିବ। ସେହିପରି ପରେଡ ରିହାରସାଲ ପାଇଁ ଆସନ୍ତା ୨୨ ଓ ୨୩ ତାରିଖ ଅପରାହ୍ଣ ୨ଟାରୁ ସନ୍ଧ୍ୟା ସାଢ଼େ ୫ଟା ଯାଏଁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏହି ସମୟରେ ମଧ୍ୟ ଗାନ୍ଧିମାର୍ଗ ବନ୍ଦ ରହିବ। ଆସନ୍ତା ୨୪ ରେ ସକାଳ ୭ଟାରୁ ସାଢ଼େ ୧୦ଟା ଯାଏଁ ମଧ୍ୟ ଏହି ରାସ୍ତାରେ ଗାଡିମଟର ଯା' ଆସ କରିପାରିବନି। ଆହୁରି ମଧ୍ୟ କେଉଁଠି ଗାଡି ପାର୍କିଂ କରାଯିବ ସେନେଇ ମଧ୍ୟ ଡିସିପି ସମୀକ୍ଷା କରିଥିଲେ।

**● ଅଧିକାରୀସ୍ତରରେ ଅଦଳବଦଳ**

# ବିଏମ୍‌ସିରୁ ଗଲେ ୫, ଆସିଲେ ୫

**ଭୁବନେଶ୍ୱର, ୧୯।୧(ସମିସ):** ବିଏମ୍‌ସିର ଅଧିକାରୀସ୍ତରରେ ଅଦଳବଦଳ ହୋଇଛି। ଦୀର୍ଘଦିନ ଧରି ବିଏମ୍‌ସିରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଇଛି। ଏହିକ୍ରମରେ ବିଏମ୍‌ସିରେ କାର୍ଯ୍ୟରତ ୫ଜଣ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା ବେଳେ ବିଭିନ୍ନ ପୌରାଞ୍ଚଳରୁ ୫ଜଣ ଅଧିକାରୀ ବିଏମ୍‌ସିରେ ନିଯୁକ୍ତି ପାଇଛନ୍ତି। ଅନ୍ୟପକ୍ଷରେ ଜଣେ ଅଧିକାରୀଙ୍କୁ ଛାଡି ଦେଲେ ଅନ୍ୟତ୍ର ବଦଳି ହୋଇଥିବା ଅଧିକାରୀମାନେ ଦୀର୍ଘଦିନ ଧରି ବିଏମ୍‌ସିରେ କାର୍ଯ୍ୟରତ ଥିଲେ। ନିର୍ବାଚନ ପୂର୍ବରୁ ଏମାନଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ବଦଳି ହୋଇଥିବା କର୍ମଚାରୀମାନେ ହେଲେ ଅତିରିକ୍ତ କମିସନର ଶୁଭେନ୍ଦୁ ସାହୁ, ଡେପୁଟି କମିସନର ସ୍ୱାଗତ ଦାସ, ଡେପୁଟି କମିସନର ରମେଶ ଚନ୍ଦ୍ର ଜେନା, ଡେପୁଟି କମିସନର ସ୍ନେହଲତା ଆଚାର୍ଯ୍ୟ ଏବଂ ସହକାରୀ କମିସନର ପଲ୍ଲବୀ ବେହେରା। ସେହିପରି ବିଏମ୍‌ସିରେ ନୂତନଭାବେ ଯୋଗ ଦେବାକୁଥିବା ଅଧିକାରୀମାନେ ହେଲେ ଅତିରିକ୍ତ କମିସନର ସମ୍ବିତ କୁମାର ରାଉତ, ଡେପୁଟି କମିସନର ବିନୋଦ କୁମାର ବେହେରା, ସହକାରୀ କମିସନର ଏସ୍. ରାକେଶ ପାତ୍ର, ଡେପୁଟି କମିସନର ଜସ୍ମିନ୍ ପ୍ରଧାନ, ଡେପୁଟି କମିସନର ଅଜୟ କୁମାର ମହାନ୍ତି। ଏ ନେଇ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

# ଡାବର ପକ୍ଷରୁ 'ସାଇନ୍ସ ଇନ୍ ଆକ୍ସନ' କ୍ୟାମ୍ପେନ

**ଭୁବନେଶ୍ୱର, ୧୯ ।୧(ସମିସ):** ଆୟୁର୍ବେଦ କମ୍ପାନୀ ଡାବର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଉପଭୋକ୍ତାମାନଙ୍କୁ ଆୟୁର୍ବେଦ ଓ ସୁସ୍ଥ ଜୀବନଶୈଳୀର ଉପାଦେୟତା ସମ୍ପର୍କରେ ସଚେତନ କରିବା ପାଇଁ 'ସାଇନ୍ସ ଇନ୍ ଆକ୍ସନ' କ୍ୟାମ୍ପେନ୍ ଆରମ୍ଭ ହୋଇଛି। ଆୟୁର୍ବେଦ ପଛରେ ଥିବା ବୈଜ୍ଞାନିକ କାରଣ ସମ୍ପର୍କରେ ଏହା ସଚେତନ କରିବ। ପରିବର୍ତ୍ତିତ ଋତୁ, ସାଧାରଣ ଜୀବାଣୁ ଓ ଭୂତାଣୁ ଜନିତ ରୋଗ ବିରୋଧରେ ରୋଗପ୍ରତିରୋଧକ ଶକ୍ତିବୃଦ୍ଧି କରିବାରେ ଏହାର ଭୂମିକା ସମ୍ପର୍କରେ ଡାକ୍ତରମାନେ



ଉପଭୋକ୍ତାଙ୍କୁ ଅବଗତ କରିବେ। କମ୍ପାନୀର ଏକ ଅଂଶ ଭାବେ 'ଡାବର ଚ୍ୟବନପ୍ରାଶ' ପକ୍ଷରୁ ଗୁରୁବାର ଏମ୍‌ବିଏସ୍ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଡାବର ଚ୍ୟବନପ୍ରାଶର ସିଏସ୍‌ଆର୍ ଓ କର୍ପୋରେଟ କମ୍ୟୁନିକେସନସ୍ ମୁଖ୍ୟ ବ୍ୟାସ ଆନନ୍ଦ ଯୋଗଦେଇ ଗୁଜବକୁ ଦୂର କରି ଗବେଷଣା ଆଧାରିତ ପ୍ରମାଣ ପ୍ରଦାନ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିବା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ବିଏସ୍ ସ୍କୁଲର ଅଧ୍ୟକ୍ଷ ଡ. ଜେଜେ ଶିଶୁଗୋସ୍ୱାମୀ, ଡ. ପରମେଶ୍ୱର ଅରୋରା ପ୍ରମୁଖ ଯୋଗଦେଇଥିଲେ।

## ୫ବର୍ଷ ହେଲା ଶୌଚାଳୟରେ ତାଲା

# ୧୪ ଲକ୍ଷ ବ୍ୟୟ, ୧୪ ମାସ ବ୍ୟବହାର ହେଲାନି

**ଭୁବନେଶ୍ୱର, ୧୯।୧(ସମିସ):**

ବଡ଼ଗଡ଼ ଗାଁମୁଣ୍ଡ ଛକରେ ସର୍ବସାଧାରଣ ବ୍ୟବହାର ଉଦ୍ଦେଶ୍ୟରେ ୬ବର୍ଷ ତଳେ ବିଏମ୍‌ସି ପକ୍ଷରୁ ଏକ ଶୌଚାଳୟ ନିର୍ମାଣ କରାଯାଇଥିଲା। ମାତ୍ର ଗୋଟାଏ ବର୍ଷ ଶୌଚାଳୟ ଖୋଲାଯାଇଥିବାବେଳେ ଗତ ୫ବର୍ଷ ହେଲା ଶୌଚାଳୟରେ ତାଲା ଝୁଲୁଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପଟି ଏବେ ସାଧାରଣ ଲୋକଙ୍କ ବ୍ୟବହାରରେ ଆସୁନି।

**● ରାସ୍ତା କଡ଼ରେ ପରିସ୍ରା କରୁଛନ୍ତି ବ୍ୟବସାୟୀ**

**● ଅନ୍ଧାର ରାତିରେ ଆଡ୍ଡା ଜମାଉଛନ୍ତି ମଦ୍ୟପ**

ଅନ୍ୟପକ୍ଷରେ ଶୌଚାଳୟ ଭିତରେ ଲାଗିଥିବା ସରଞ୍ଜାମ ସବୁ ଭାଙ୍ଗିରୁଜି ଗଲାଣି। ଏହାସହ କିଛି ବେସିନ୍, ପାଇପ୍ ଓ ଟ୍ୟାପ୍ ଭଳି ସାମଗ୍ରୀ ସବୁ ଚୋରି ହୋଇଗଲାଣି। ସରକାରୀ ଅର୍ଥ ଏଭଳି ଧୂଳିସାତ୍ ହେଉଥିଲେ ହେଁ ବିଏମ୍‌ସି ଆଖି ବୁଜିଦେଇଛି।

ସୂଚନାନୁସାରେ, ବିଏମ୍‌ସିର ୪୫ନମ୍ବର ୱାର୍ଡ ଅନ୍ତର୍ଗତ ବଡ଼ଗଡ଼ ଗାଁ ଛକରେ ୨୦୧୭ ମସିହାରେ ଏହି ଶୌଚାଳୟ ଉଦ୍‌ଘାଟନ ହୋଇଥିଲା। ୧୩ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ



ନିର୍ମାଣ ହୋଇଥିବା ଏହି ଶୌଚାଳୟର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବିଏମ୍‌ସି ଏକ ଘରୋଇ ଠିକାସଂସ୍ଥାକୁ ଦେଇଥିଲା। ହେଲେ ଠିକାସଂସ୍ଥା ପକ୍ଷରୁ ରକ୍ଷଣାବେକ୍ଷଣରେ ଯେତିକି ଟଙ୍କା ଖର୍ଚ୍ଚ ହେଲା, ସେତିକି ଟଙ୍କା ଆୟ ହେଲାନି। ଫଳରେ ଠିକାସଂସ୍ଥା ବାଧ ହୋଇ ବର୍ଷେ ପରେ ଛାଡ଼ି ଦେଲା। ସେବେଠାରୁ ଶୌଚାଳୟରେ ତାଲା ଝୁଲୁଛି। ଏହାକୁ ପୁନର୍ବାର ଖୋଲିବା ପାଇଁ ବିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଅନ୍ୟପକ୍ଷରେ ସ୍ଥାନୀୟ ବାସିନ୍ଦା କୁଳମଣି ସାହୁଙ୍କ କହିବାନୁସାରେ, ଏହି ଛକରେ ଯେତିକି ଦୋକାନ ଅଛି, ସେମାନଙ୍କର ଏହି ପାଖରେ ରହୁଛନ୍ତି। ତେଣୁ ନିଜ ଘରୁ ସମସ୍ତେ ନିତ୍ୟକର୍ମ କରି ଆସୁଛନ୍ତି। ସେହିଭଳି ପରିସ୍ରା କରିବା ପାଇଁ ଲୋକମାନେ ଶୌଚାଳୟରେ ଟଙ୍କା ଦେଇ ଯିବା ପରିବର୍ତ୍ତେ କେନାଲ କଡ଼ରେ ପରିସ୍ରା କରୁଛନ୍ତି। ତେଣୁ ଏଠି ଶୌଚାଳୟର କୌଣସି ଆବଶ୍ୟକତା ନ ଥିଲା। ବିଏମ୍‌ସି ପକ୍ଷରୁ ଅଯଥାରେ ଏଠି ଏତେ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରିଦିଆଗଲା।

ବ୍ୟବସାୟୀ ଶତ୍ରୁଘ୍ନ ବେହେରା କହିଛନ୍ତି, ଶୌଚାଳୟଟି ବ୍ୟବହାର ହେଉନଥିବାରୁ ରାତି ଅନ୍ଧାରେ ମଦ୍ୟପମାନେ ଏଠି ଆଡ୍ଡା ଜମାଉଛନ୍ତି। ମଦ ପିଇ ଗ୍ଲାସ୍ ଓ ମଦ ବୋତଲ ଝରକା ବାଟେ ଶୌଚାଳୟ ଭିତରେ ପକାଉଛନ୍ତି। ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏ ନେଇ ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଖୁବ୍‌ଶୀଘ୍ର ଉକ୍ତ ଶୌଚାଳୟ ଲୋକମାନଙ୍କ ବ୍ୟବହାର ପାଇଁ ଖୋଲି ଦିଆଯିବ। ଏହାସହ ଯେଉଁ ଲୋକମାନେ ରାସ୍ତା କଡ଼ରେ ଏଣେତେଣେ ପରିସ୍ରା କରୁଛନ୍ତି, ସେମାନେ ବିନା ମୂଲ୍ୟରେ ଏହି ଶୌଚାଳୟକୁ ବ୍ୟବହାର କରିପାରିବେ।

# ଭୁବନେଶ୍ୱର ସିଟି



## ଆଜି କ'ଣ କେଉଁଠି

- **ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ୧୧୩ତମ ଜୟନ୍ତୀ ମହୋତ୍ସବ**
ସ୍ଥାନ- ଏକାମ୍ର ସତ୍ୟସେବାଶ୍ରମ, ବୈକୁଣ୍ଠସରଣୀ, ୟୁନିଟ୍ - ୯
ସମୟ- ଦିବା- ୮ଟାରୁ ରାତି ୯ଟା
- **ରିସର୍ଚ୍ଚ କନ୍‌କ୍ଲେଭ ୨୦୨୪**
ଆଇଆଇଆଇଟି, ଭୁବନେଶ୍ୱର
ସମୟ- ୧୦.୩୦ ମିନିଟ୍
- **ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**
ସ୍ଥାନ- କଳ୍ପନା ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ
ସମୟ- ସକାଳ ୮.୩୦ ମିନିଟ୍ ମାଲ୍ୟାର୍ପଣ
ସନ୍ଧ୍ୟା- ୫.୩୦ ମିନିଟ୍ ସାଧାରଣ ସଭା
- **ନିର୍ବାଣ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ଇଣ୍ଟରପ୍ରିନ୍ୟୁୟରସିପ୍ ଆୱାର୍ଡ କାର୍ଯ୍ୟକ୍ରମ**
ସ୍ଥାନ- ହୋଟେଲ୍ ପଦ୍ମଜା ପ୍ରିମିୟମ୍, ଚନ୍ଦ୍ରଶେଖରପୁର
ସମୟ- ସନ୍ଧ୍ୟା ୫.୩୦ ମିନିଟ୍



### ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଉଦ୍‌ଯାପିତ

# ହର ହର ଶଙ୍କର...

**ଭୁବନେଶ୍ୱର, ୧୯।୧(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ମୁକ୍ତେଶ୍ୱର ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ମାତୃପ୍ରସାଦ ଦାସ ଓ ସାଥୀଙ୍କ ଦ୍ୱାରା ଶିବ ବନ୍ଦନା 'ହର ହର ଶଙ୍କର ଭୋଳା ମହେଶ୍ୱର...'ରୁ। ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଯଜ୍ଞାଦତ୍ତ ପ୍ରଧାନଙ୍କ ଦ୍ୱାରା ମହାଭାରତରୁ ଉଦ୍ଧୃତ ଡ. ଶ୍ରୀନିବାସ ଘଟୁଆରିଙ୍କ ଦ୍ୱାରା ଲିଖିତ ଅଭିନୟ କର୍ଣ୍ଣ ପରିବେଷିତ ହୋଇଥିଲା। ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ କରିଥିବାବେଳେ ବାଦ୍ୟ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ବିଚିତ୍ରା ନନ୍ଦ ସ୍ୱାଇଁ। ସେହିପରି ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ସ୍ୱର୍ଣ୍ଣମୟୀ ବେହେରା ଓ ସ୍ୱୀକୃତି ଦାସଙ୍କ ଦ୍ୱାରା ପ୍ରଥମେ ପଲ୍ଲବୀ ଯାହା ରାଗ ଝିଂଝୋଟି ଓ ତାଳ ଏକତାଳି ଉପରେ ନିବଦ୍ଧ ଥିଲା ଯାହାର ସଙ୍ଗୀତ ସଂଯୋଜନା ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ, ତାଳ ସଂଯୋଜନା ଗୁରୁ ସଚ୍ଚିଦାନନ୍ଦ ଦାସ ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ମୀରା ଦାସ। ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରୂପକ କୁମାର ପରିଡ଼ା, ତାଳ ସଂଯୋଜନା ଗୁରୁ ସଚ୍ଚିଦାନନ୍ଦ ଦାସ ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ମୀରା ଦାସ। ଅନ୍ତିମ ସନ୍ଧ୍ୟାର ଶେଷ କାର୍ଯ୍ୟକ୍ରମ ଥିଲା ଦଳଗତ ଓଡ଼ିଶୀ ନୃତ୍ୟ, ଯାହାକୁ ପରିବେଷଣ କରିଥିଲେ ସ୍ୱପ୍ନାରାଣୀ ସିହ୍ନାଙ୍କ ଦ୍ୱାରା ପ୍ରତିଷ୍ଠିତ ନୃତ୍ୟନୀଳୟ ଅନୁଷ୍ଠାନର ଶିଳ୍ପୀମାନେ। ତାଙ୍କର ଅନ୍ତିମ ପ୍ରସ୍ତୁତିଟି ଥିଲା ତ୍ରିବେଣୀ ସଙ୍ଗମ୍। ଉଦ୍‌ଯାପନୀ ସନ୍ଧ୍ୟାର ଅତିଥିଭାବେ ସଙ୍ଗୀତ ନାଟକ ଏକାଡେମୀର ସଭାପତି ଗୁରୁ ଅରୁଣା ମହାନ୍ତି, ଓଡ଼ିଶୀ ନୃତ୍ୟ ନିର୍ଦ୍ଦେଶକ ତଥା ଗାୟକ ପ୍ରଫେସର ଗୁରୁ ରାମହରି ଦାଶ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂ ସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ସିକତା ଦାସ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ୍।

## ଭୁବନେଶ୍ୱରରେ ଇଣ୍ଟରନ୍ୟାସନାଲ୍ କନ୍‌କ୍ଲେଭ୍ ଅଫ୍ ଅର୍ବାନ୍ ଟ୍ରାନ୍ସଫରମେସନ୍ ପ୍ରତିନିଧି

# ବୁଲିଲେ ବିଜୁ ଆଦର୍ଶ କଲୋନୀ, ଗାରିମା ହାଉସ୍



**ଭୁବନେଶ୍ୱର, ୧୯।୧(ସମିସ):** ଭୁବନେଶ୍ୱରରେ ପହଞ୍ଚିଛନ୍ତି ଇଣ୍ଟରନ୍ୟାସନାଲ୍ କନ୍‌କ୍ଲେଭ୍ ଅଫ୍ ଅର୍ବାନ ଟ୍ରାନ୍ସଫରମେସନ୍‌ର ପ୍ରତିନିଧିଦଳ। ପ୍ରତିନିଧିଦଳ ବିଏମ୍‌ସି ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ। ଏହାମଧ୍ୟରେ ରହିଛି ୱାର୍ଡ ନମ୍ବର ୪୯ର ବିଜୁ ଆଦର୍ଶ କଲୋନୀ। ଆଦର୍ଶ କଲୋନୀରେ କିଭଳି ସୁବିଧା ସୁଯୋଗ ରହିଛି ତାହାକୁ ଦେଖିଥିଲେ। ସେହିପରି ବସ୍ତିବାସିନ୍ଦା ପୂର୍ବରୁ ବସ୍ତିରେ କିଭଳି ଅବସ୍ଥାରେ ଥିଲେ, ଏବେ ବିଜୁ ଆଦର୍ଶ କଲୋନୀରେ କିଭଳି ଜୀବନଯାପନ କରୁଛନ୍ତି, ସେ ସମ୍ପର୍କରେ ପ୍ରତିନିଧିଦଳ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହାସହ ସନ୍ଧ୍ୟାରେ ଆଇଆର୍‌ସି ଭିଲେଜସ୍ଥିତ ଗାରିମାଗୃହ ବୁଲି ଦେଖିଛନ୍ତି। ଏଠାରେ ସ୍ୱଚ୍ଛତା କର୍ମୀମାନଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଗାରିମାଗୃହ ପ୍ରତ୍ୟେକ ୱାର୍ଡରେ ସ୍ୱଚ୍ଛତା କର୍ମୀଙ୍କ ବ୍ୟବହାର ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଛି। ସ୍ୱଚ୍ଛତା କର୍ମୀ ଏଠାରେ ନିଜର ପୋଷାକ ସଫା କରିବା, ରଖିବା ଏବଂ କାମ ଶେଷ ପରେ ବିଶ୍ରାମ ନେଇ ପାରିବେ।

# ବରିଷ୍ଠନାଗରିକ ସଂଘର ବନ୍ଧୁମିଳନ



**ଭୁବନେଶ୍ୱର, ୧୯।୧(ସମିସ):** ଶାଶ୍ୱତ ବରିଷ୍ଠ ନାଗରିକ ସଂଘ, ପଟିଆର ନନ୍ଦନକାନନ ଉଦ୍ଭିଦ ବଗିଚାରେ ବାର୍ଷିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ବିଜୟ ଦାଶ ଅଧ୍ୟକ୍ଷତା କରିଥିବାବେଳେ ବରିଷ୍ଠ ନାଗରିକ ସଂଘର ସଭାପତି ତଥା ବରିଷ୍ଠ ଆଇନଜୀବୀ ମଧୁମାଧବ ଜେନା ଯୋଗଦେଇଥିଲେ। ଏହି ଅବସରରେ ସଂଘର ସଭ୍ୟ, ସଭ୍ୟାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ହେମନ୍ତ ଦାସ, ଅଭୟ କୁମାର ବେହେରା, କୈଳାସ ଦାସ, ପ୍ରକାଶ ଚନ୍ଦ୍ର ବେହେରା, ବୀଣା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଆଜି ଶାମ୍ବଦଶମୀ; ସନ୍ତାନଙ୍କ ମଙ୍ଗଳ ମନାସିବେ ମହିଳା

**ଭୁବନେଶ୍ୱର, ୧୯।୧(ସମିସ):** ରାତି ପାହିଲେ ଶାମ୍ବ ଦଶମୀ। ସନ୍ତାନ ସନ୍ତତିମାନଙ୍କର ମଙ୍ଗଳ କାମନା କରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ବାଢ଼ିବେ ମା'ମାନେ। ପୌରାଣିକ କିମ୍ବଦନ୍ତୀ ଆଧାରରେ ପାଳିତ ହେବ ପୂଜା। ପୌଷ ଶୁକ୍ଳ ଦଶମୀ ତିଥି 'ଶାମ୍ବଦଶମୀ' ଭାବେ ପାଳନ କରାଯାଏ। 'ଶାମ୍ବଦଶମୀ ବ୍ରତ' ରଖି ମହିଳାମାନେ ପିଲାଙ୍କ ମଙ୍ଗଳ ମନାସୀଥାନ୍ତି। ସୂର୍ଯ୍ୟଦେବଙ୍କୁ ଅନେକ ପ୍ରକାରର ପିଠା ପଣା ଅର୍ପଣ କରାଯାଇଥାଏ।

ଏଥିପାଇଁ ପ୍ରତିବର୍ଷ ପରି ପ୍ରତିଟି ଓଡ଼ିଆ ଘରେ ପ୍ରସ୍ତୁତି ହୋଇଛି। ଘରେ ଘରେ ଏହି ଦିନରେ ପିଠାପଣା ସହ ନାନା ପ୍ରକାର ବ୍ୟଞ୍ଜନ ସୂର୍ଯ୍ୟଦେବଙ୍କୁ ଅର୍ପଣ କରାଯିବାର ପରମ୍ପରା ରହିଛି। ଏପରିକି ବିଭିନ୍ନ ଫଳ, ମିଠା ମଧ୍ୟ କେତେକ ପରିବାରର ଲୋକେ ଅର୍ପଣ କରିଥାନ୍ତି। ଏଥିପାଇଁ ପୂର୍ବ ଦିନରୁ ବିଭିନ୍ନ ବଜାରରେ ଗହଳି ଦେଖିବାକୁ ମିଳିଛି। ବିଶେଷକରି ରାଜଧାନୀର ୧ନମ୍ବର ହାଟ, ସିଆରପି, ରାମ ମନ୍ଦିର ଛକ ଭଳି ରାସ୍ତା କଡ଼ର ଫଳ ଓ ପରିବା ଦୋକାନରେ ଲୋକଙ୍କ ଭିଡ଼ ଜମିଛି। ସାଧାରଣ ଦିନ ଅପେକ୍ଷା ଫଳ, ପରିବାର ଦାମ ମଧ୍ୟ ଏଥିପାଇଁ ଟିକେ ଅଧିକ ରହିଛି। ଫଳ ଦୋକାନୀ ରମେଶ କୁହନ୍ତି ଫଳ କିଣା ପାଇଁ ଲୋକ ପ୍ରାୟତଃ ଦୋକାନକୁ ଆସୁଥିବାବେଳେ ଶାମ୍ବ ଦଶମୀ ପାଇଁ ଟିକେ ଭିଡ଼ ଅଧିକ ରହିଛି। ସେହିପରି ଫଳର ଦାମ ମଧ୍ୟ ଅନ୍ୟଦିନ ଅପେକ୍ଷା କେଜି ପ୍ରତି ୧୦ରୁ ୨୦ ଟଙ୍କା ଅଧିକ ରହିଛି। କଲ୍ୟାଣୀ ଛକ ନିକଟରେ ପରିବା ଦୋକାନ କରିଥିବା ବଦ୍ରିନାରାୟଣ ପାତ୍ର ଆଜି ଦିନର ବେପାରକୁ ନେଇ କୁହନ୍ତି ଲୋକ ଶାମ୍ବ ଦଶମୀ ପାଇଁ ଶିମ୍ବ, ମିଠା ଆଳୁ ଓ ବାଇଗଣକୁ ଅଧିକ କିଣୁଛନ୍ତି। ଏହି ପରିବା ପୂଜାରେ ଲାଗୁଥିବାରୁ ଶୀଘ୍ର ବିକ୍ରି ହୋଇଯାଉଛି। ସାଧାରଣ ଦିନ ଅପେକ୍ଷା ହଜାରେରୁ ପନ୍ଦର ଶହ ଅଧିକା ବେପାର ହୋଇଛି।





### ପୂଜା ପାଇଁ ପିଠା ଓ ମିଠା

ଆଜିକାଲି ଲୋକ ମିଠା ସାଙ୍ଗକୁ ରେଡିମେଡ୍ ପିଠା ବି ପୂଜା ପାଇଁ ଘରକୁ କିଣି ନେଉଛନ୍ତି। ଅଧିକ ପରିଶ୍ରମରେ ଏସବୁ କରିବାକୁ ପସନ୍ଦ କରୁନାହାନ୍ତି। ଜାଗମରାସ୍ଥିତ ମିଠା ଦୋକାନ କରିଥିବା ଗଣେଶ କୁହନ୍ତି ଲୋକ ଏବେ ମିଠା ସାଙ୍ଗକୁ ପିଠା ମଧ୍ୟ ଦୋକାନରୁ କିଣି ନେଉଛନ୍ତି। ମିଠାରେ ଛେନାପୋଡ଼, ଜିଲାପି ଓ ରସୋଗଲା ସାଙ୍ଗକୁ ପୋଡ଼ପିଠା, ଆରିସା, କାକରା ଅଧିକ ବିକ୍ରି ହେଉଛି।

# ୨୧ରୁ ଜୀବନରେଖାର 'ରଙ୍ଗ ଉତ୍ସବ'

**ଭୁବନେଶ୍ୱର, ୧୯।୧(ସମିସ):** ଆସନ୍ତା ୨୧, ୨୨ ଓ ୨୩ ତାରିଖ ତିନିଦିନ ଧରି ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହେବ 'ରଙ୍ଗ ଉତ୍ସବ-୨୦୨୪'। ଜୀବନରେଖା ନାଟ୍ୟସଂସ୍ଥା ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ନାଟ୍ୟ ଉତ୍ସବର ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହେବ ନାଟକ 'ସିଟି ଆଟ୍ ୭୫'। ଚିନ୍ମୟ ଷଡ଼ଙ୍ଗୀଙ୍କ ରଚିତ ଏବଂ ଅଭିନ୍ନ ରାଉତରାୟଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଦୀପନ୍ୱିତ ଦାଶମହାପାତ୍ର, ରୋହନ ଯାଦବ, ସମର୍ପିତା ଦାଶ, ଆଶିଷ ରାଉତ ପ୍ରମୁଖ କଳାକାର ସମକାଳୀନ ଜୀବନଶୈଳୀ ଉପରେ ନାଟକ ପରିବେଷଣ କରିବେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହେବ ନାଟକ 'ଗପସପ ସେଣ୍ଟର'। ନାଟ୍ୟକାର ସୁମିତ ପଣ୍ଡାଙ୍କ ରଚିତ ଓ ଦୀପନ୍ୱିତ ଦାଶମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକରେ ମଣିଷ କିଭଳି ଟେକ୍ନୋଲୋଜିର ଗୁହାଳରେ ବନ୍ଧା ହୋଇଛନ୍ତି, ୨୦୬୮ ମସିହାରେ ସମୟର ଆଇନାରେ ଦୁନିଆର ଚିତ୍ର କିଭଳି ବଦଳିବ ତାହାକୁ ପରିବେଷଣ କରିବେ ନନ୍ଦୀ, ଚନ୍ଦନ, ଦ୍ୱୀପନିତ, ଆଶୁତୋଷ, ସନ୍ତୋଷ ପ୍ରମୁଖ କଳାକାର। ସେହିପରେ ଶେଷ ସନ୍ଧ୍ୟାରେ କଲ୍କି କେକ୍ସା ଓ ପ୍ରଶାନ୍ତ ପ୍ରକାଶଙ୍କ ରଚିତ ଏବଂ ଅଭିନ୍ନ ରାଉତରାୟଙ୍କ ନିର୍ଦ୍ଦେଶିତ ନାଟକ 'ସମୁଦ୍ରରେ ରାଜହଂସୀ' ପରିବେଷଣ ହେବ। ଯେଉଁଥିରେ ଜଣେ ଲେଖକଙ୍କର ପାଗଳପଣ ଓ ତାଙ୍କ ପତ୍ନୀଙ୍କ ଭଲପାଇବାରେ ନିଷ୍ପାର ଚିତ୍ରକୁ ଦର୍ଶାଯାଇଛି ବୋଲି ଜୀବନରେଖା ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉତ୍ସବର ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ ସୂଚନା ଦେଇଛନ୍ତି।

### ● ପ୍ରଣବଙ୍କ ଜନ୍ମଦିନ ଅବସରରେ 'ପ୍ରଣବ ପ୍ରଣାମ'

# ଦେବାଶିଷ ମହାପାତ୍ରଙ୍କୁ 'ପ୍ରଣବ ପରମ୍ପରା' ସମ୍ମାନ

**ଭୁବନେଶ୍ୱର, ୧୯।୧(ସମିସ):** ଏମିତି ରାତି... ସେ ଯେ ଅଭୁଲା ସ୍ମୃତି... ଆଦି ଓଡ଼ିଆ ସଙ୍ଗୀତ ଜଗତକୁ ମନଛୁଆଁ ଓ ଭାବପୂର୍ଣ୍ଣ ସଙ୍ଗୀତରେ ସମୃଦ୍ଧ କରିଥିବା ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀର ପୂର୍ବସଂଧ୍ୟାରେ ଅନୁଷ୍ଠିତ ହେଉଥିବା ପ୍ରଣବ ଜୟନ୍ତୀ, ସଙ୍ଗୀତ ଓ ସମ୍ବର୍ଦ୍ଧନାର ସଂଧ୍ୟା 'ପ୍ରଣବ ପ୍ରଣାମ' ସମ୍ଭାବନା ପକ୍ଷରୁ ଅଷ୍ଟାଦଶ ବର୍ଷ ପାଇଁ ଆୟୋଜିତ ହୋଇଯାଇଛି। ପ୍ରମୁଖ ଅତିଥି ଭାବେ ଅଭିନେତା ତଥା ସାଂସଦ ପ୍ରଶାନ୍ତ ନନ୍ଦ, ଲେଖକ ତଥା ସୁବକ୍ତା ଦାଶ୍ ବେନ୍‌ହୁର, ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରୁଚି ସମ୍ପନ୍ନ ଓ ଜନପ୍ରିୟ ସଙ୍ଗୀତ ଗାୟନ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଦେବାଶିଷ ମହାପାତ୍ରଙ୍କୁ ଷୋଡ଼ଶ 'ପ୍ରଣବ ପରମ୍ପରା ସମ୍ମାନ'ରେ ସମ୍ମାନିତ କରିଥିଲେ ସ୍ୱୟଂ ପ୍ରଣବ ପଟ୍ଟନାୟକ। ଏହି ଅବସରରେ ପୂର୍ବରୁ ପ୍ରଣବ ପରମ୍ପରା ସମ୍ମାନରେ ସମ୍ବର୍ଦ୍ଧିତ ପ୍ରଖ୍ୟାତ ସଙ୍ଗୀତ ଶିଳ୍ପୀ ତୃପ୍ତି ଦାସ, ଶ୍ୟାମାମଣି ଦେବୀ, ଗୀତା ପଟ୍ଟନାୟକ, ଡ.ସୁଧା ମିଶ୍ର, ସତ୍ୟ ରଥ ଓ ଡ.ସନ୍ତୋଷ ଦାଶ ପ୍ରମୁଖ ଉପସ୍ଥିତ ରହି ପ୍ରଣବଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କୁ ସମ୍ଭାବନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରଣବ ସଙ୍ଗୀତ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା।

# 'ଓଡ଼ିଆ ଭାଷାକୁ ଜନାଦୃତ କରିଥିଲେ ମଧୁସୂଦନ'

### ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଭକ୍ତକବିଙ୍କ ଜୟନ୍ତୀ




**ଭୁବନେଶ୍ୱର, ୧୯।୧(ସମିସ):** ଭକ୍ତକବି ମଧୁସୂଦନ ରାଓଙ୍କ ସକ୍ରିୟ ଉଦ୍ୟମ ଦ୍ୱାରା ଓଡ଼ିଆ ଭାଷା ସାରା ରାଜ୍ୟର ପୁରପଲ୍ଲୀରେ ପହଞ୍ଚିପାରିଥିଲା। ତାଙ୍କ ଦ୍ୱାରା ରଚିତ 'ବର୍ଣ୍ଣବୋଧ' ଏଥିନିମନ୍ତେ ଉତ୍ତମ ମାଧ୍ୟମ ଥିଲା। ଏହାଛଡ଼ା ଯେତେବେଳେ ଓଡ଼ିଆ ଭାଷା ସଙ୍କଟ ସମୟରେ ଥିଲା ସେ ସମୟରେ ସେ ପ୍ରବନ୍ଧ, କାବ୍ୟ କବିତା ରଚନା କରି ଏହାକୁ ଋଦ୍ଧିମନ୍ତ କରିଥିଲେ ବୋଲି ତାଙ୍କ ୧୭୦ତମ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ପ୍ରଥମେ କବିଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ରଞ୍ଜନ ପଟ୍ଟନାୟକ, ଅକ୍ଷୟ ଜେଠୀ, ବିଜୟ ସାହୁ, ସଞ୍ଜୟ ପରିଡ଼ା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଭାଙ୍ଗି ପଡ଼ିଛି ଖେଳ ସାମଗ୍ରୀ, ଜମା ହୋଇଛି ଅଳିଆ

**ଭୁବନେଶ୍ୱର, ୧୯।୧(ସମିସ):**

ରାଜଧାନୀରେ ବିଡିଏ ଓ ବିଏମ୍‌ସି ପକ୍ଷରୁ ହୋଇଥିବା ଅଧିକାଂଶ କଲୋନୀ ପାର୍କ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଲୋକଙ୍କ କାମରେ ଆସୁନି ପାର୍କ। କେଉଁଠି ସୌନ୍ଦର୍ଯ୍ୟକରଣ ପାଇଁ ଲାଗିଥିବା ମୂର୍ତ୍ତି ଭାଙ୍ଗିପଡ଼ିଛି ତ ଆଉ କେଉଁଠି ଲାଇଟ୍ ଖୁଣ୍ଟ ଅଛି ହେଲେ ଲାଇଟ୍ ଜଳୁନି। ମାସ ମାସ ଧରି ପାର୍କରେ ଅଳିଆ ଆବର୍ଜନା ଗଦା ହୋଇରହୁଛି। ସେହିପରି ଚେୟାର୍ ଭାଙ୍ଗି ପଡ଼ିଛି ତ ପିଲାମାନଙ୍କ ନିମନ୍ତେ ରହିଥିବା ଖେଳ ସାମଗ୍ରୀ ଅଚଳ। ଏଭଳି ଅବ୍ୟବସ୍ଥା ଘେରରେ ରହିଛି ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୪୪ ଅଧୀନସ୍ଥ ବଡ଼ଗଡ଼ ଇଏ କଲୋନୀ ପାର୍କ।

ସ୍ୱାୟତ୍ତ ଶାସନ ଦିବସ ଅବସରରେ ୨୦୧୯ ମସିହା ଅଗଷ୍ଟ ମାସ ୩୧ ତାରିଖରେ ପାର୍କର ଶୁଭାରମ୍ଭ ହୋଇଥିଲା। ଅମୃତ ଯୋଜନା ମାଧ୍ୟମରେ ୧୩ଲକ୍ଷ ୩୬ ହଜାର ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଏହି ପାର୍କ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ବଡ଼ଗଡ଼ ବ୍ରିଟ କଲୋନୀ, ଜିଏ କଲୋନୀ ସମେତ ଆଖ ପାଖ ଅଞ୍ଚଳ ଲୋକମାନେ ଏହି ପାର୍କକୁ ନିର୍ଭର କରନ୍ତି। ସକାଳ ଓ ସନ୍ଧ୍ୟା ହେଲେ ସ୍ଥାନୀୟ ଅଞ୍ଚଳବାସୀ ଓ କୁନି କୁନି ପିଲାମାନେ ଆସି ଖେଳକୁଦ କରିବା ସହ ଭ୍ରମଣ କରିଥାନ୍ତି। କିନ୍ତୁ ଏବେ ସନ୍ଧ୍ୟା ହେଲେ ପାର୍କକୁ ଆସିବାକୁ ଭୟ କରୁଛନ୍ତି ଲୋକେ। ସ୍ଥାନୀୟ ଲୋକଙ୍କ ସୁବିଧା, ମନୋରଞ୍ଜନ ଓ ଅବସର ବିନୋଦନ ଓ ପିଲାଙ୍କ ଖେଳିବା ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଏହି ପାର୍କର ଅଧିକାଂଶ ସାମଗ୍ରୀ ଭାଙ୍ଗିରୁଜି ଯାଇଛି। ବିଶେଷ କରି ଛୋଟ ପିଲାମାନେ ଖେଳିବା ପାଇଁ ଥିବା ଖେଳଣା, ଦୋଳି ଗୁଡ଼ିକ ବ୍ୟବହାରଯୋଗ୍ୟ ହୋଇ ନ । ହିଁ । ଏ ହି ସ ବୁ





### ବଡ଼ଗଡ଼ ଇଏ କଲୋନୀ ପାର୍କ

ମରାମତି କରାଯିବାକୁ ବହୁବାର ଅଭିଯୋଗ କରାଯାଉଥିଲେ ବି ଏଥିପ୍ରତି କେହି ଦୃଷ୍ଟି ଦେଉ ନଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଚେୟାରଗୁଡିକ ଭାଙ୍ଗି ଯିବା ସହ ନାହିଁ ପିଇବା ପାଣି ସୁବିଧା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚାରିଆଡ଼େ ଜମା ହୋଇଛି କୁଢ଼ କୁଢ଼ ଅଳିଆ। ତେବେ ରକ୍ଷଣାବେକ୍ଷଣ ଅଭାବରୁ ସ୍ଥାନୀୟ ଲୋକଙ୍କ ଆମୋଦପ୍ରମୋଦ ପାଇଁ ଆରମ୍ଭ ହୋଇଥିବା ଏହି ପାର୍କ ଶ୍ରୀହୀନ ହୋଇ ପଡ଼ିରହିଛି। କଲୋନୀ ମଧ୍ୟରେ ପାର୍କ ଥାଇ ମଧ୍ୟ ଲୋକଙ୍କ କାମରେ ଆସୁ ନଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ୱାର୍ଡର କର୍ପୋରେଟର ଅଜିତ୍ କୁମାର ବେହେରା କହିଛନ୍ତି ଯେ, ପାର୍କର ପୁନରୁଦ୍ଧାର କାମ ଖୁବଶିଘ୍ର ଆରମ୍ଭ ହେବ। ପୂର୍ବଭଳି ସ୍ଥାନୀୟ ବାସିନ୍ଦା ପାର୍କର ବ୍ୟବହାର କରିପାରିବେ।

# ନୀଳାଚଳ ସାରସ୍ୱତ ସଂଘ ବୈଠକ

**ଭୁବନେଶ୍ୱର, ୧୯।୧(ସମିସ):** ପୁରୀର ନୀଳାଚଳ ସାରସ୍ୱତ ସଂଘକୁ ନେଇ ଉପୁଜୁଥିବା ବିବାଦ ସମ୍ପର୍କରେ ଶୁକ୍ରବାର ସଂଘ ପକ୍ଷରୁ ଏକ ବୈଠକରେ ସ୍ପଷ୍ଟ କରାଯାଇଛି। ସତ୍‌ଶିକ୍ଷା ମନ୍ଦିରରେ ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିବାଦ ପଛର ପ୍ରକୃତ କାରଣ କ'ଣ ତାହା ଜଣାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଂଘର ସଭାପତି ସନ୍ତୋଷ କୁମାର ମହାନ୍ତି କହିଥିଲେ। ସେ କହିଥିଲେ ଯେ ଶ୍ରୀଶ୍ରୀ ଠାକୁର ମହାରାଜଙ୍କ ଭାବଧାରା, ସୁରକ୍ଷା ଏବଂ ପ୍ରଚାର ପ୍ରସାର ହିଁ ଏହି ସଂଘର ଉଦ୍ଦେଶ୍ୟ। ହେଲେ ଯେଉଁ ୯ଜଣଙ୍କୁ ନେଇ ଏହି ସଂଘ ପ୍ରତିଷ୍ଠା କରାଯାଇଥିଲା ସେଥିରୁ ୨ଜଣ ଅଲଗା ହୋଇ ନିଜର ଅନ୍ୟ ଏକ ସଂଘ ଗଠନ କରିଛନ୍ତି। ଏଥିସହ ମନ୍ଦିରରେ ବିଭିନ୍ନ ପ୍ରକାର ବିଭେଦ ସୃଷ୍ଟି କରୁଛନ୍ତି। ଏହା ସହ ଅନ୍ୟ ଗୋଷ୍ଠୀ ମୃତ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ରବର ସିଲ୍



ବ୍ୟବହାର କରି ପରିଚୟପତ୍ର ପ୍ରଦାନ, ସଂଘର ସାଧାରଣ ବୈଠକ, ସଂଘର ପ୍ୟାଡ୍‌ରେ ନିଜକୁ ସଭାପତି ଓ ସମ୍ପାଦକ ଦର୍ଶାଇ ଦସ୍ତଖତ କରିବା ଆଦି କାର୍ଯ୍ୟ କରିଚାଲିଥିବାରୁ ଏପରି ବିବାଦ ସୃଷ୍ଟି ହେଉଛି ବୋଲି ସଂଘର ପରିଚାଳକ ଶରତ ଚନ୍ଦ୍ର ସିଂଦେଓ ସ୍ପଷ୍ଟ କରିଛନ୍ତି। ଏହି ସବୁ କାର୍ଯ୍ୟକଳାପକୁ ପ୍ରକୃତ ନୀଳାଚଳ ସାରସ୍ୱତ ସଂଘ ଦୃଢ଼ ବିରୋଧ କରୁଛି ବୋଲି ସେ କହିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୭୫ ● ପାଉଣ୍ଡ ୧୦୫.୧୭
- ୟୁରୋ ୯୦.୯୭ ● ୟେନ୍ ୦.୫୬

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୭,୭୬୦ (ନୂଆଦିଲ୍ଲୀ)
- ରୁପା : ୭୫,୭୬୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୧,୬୮୩.୦୦
- ନିଫ୍ଟି ୨୧,୬୨୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ଗୋଦାମ ଘରେ ଗହମ ଅଧା

ନୂଆଦିଲ୍ଲୀ,୧୯।୧(ଏଜେନ୍ସି)



**ମହଜୁଦ ପରିମାଣ ୭ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଲା**

**୨୦୨୩ରେ ଷ୍ଟକ୍ ୧୬୩ ଲକ୍ଷ ଟନ୍‌କୁ ହ୍ରାସ**

**ଲଗାତାର ଦୁଇ ବର୍ଷ ହେବ ଗହମ ଉତ୍ପାଦନ କମୁଛି**

**ଦେଢ଼ ବର୍ଷ ହେବ କଣ୍ଟ୍ରୋଲ ଦୋକାନରେ ମିଳୁନି ଗହମ**

ଦୀର୍ଘ ଦିନ ହେବ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବଢ଼ିବାରେ ଲାଗିଛି। ଡାଲି, ଚାଉଳ, ତେଲଠାରୁ ଅଟା ପର୍ଯ୍ୟନ୍ତ ସବୁ ସାମଗ୍ରୀର ବଜାର ମୂଲ୍ୟ ଏବେ ଅଣାୟତ୍ତ। ଅଟା କିଲୋ ପିଛା ୪୪ ଟଙ୍କା ଛୁଇଁଲାଣି। ଏଭଳି ସମୟରେ ଦେଶର ସରକାରୀ ଗୋଦାମ ଘରଗୁଡ଼ିକରେ ଗହମ ଷ୍ଟକ୍ ବା ମହଜୁଦ ପରିମାଣରେ ବୃଦ୍ଧି ହ୍ରାସ ଦେଖିବାକୁ ମିଳିଛି। ବର୍ତ୍ତମାନ ସରକାରୀ ଗୋଦାମ ଘରଗୁଡ଼ିକରେ ଗହମ ମହଜୁଦ ପରିମାଣ ୭ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଆସିଛି। ତଥ୍ୟ ଅନୁଯାୟୀ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଓ ରାଜ୍ୟ ଏଜେନ୍ସିଗୁଡ଼ିକ ନିକଟରେ ଜାନୁୟାରୀ ପହିଲା ସୁଦ୍ଧା ମୋଟ ୧୬୩.୫ ଲକ୍ଷ ଟନ୍ ଗହମ ମହଜୁଦ ଥିଲା, ଯାହା ଗତ ୭ ବର୍ଷର ସର୍ବନିମ୍ନ ସ୍ତର ବୋଲି କୁହାଯାଉଛି। କାରଣ ଗୋଦାମ ଘରେ ଗହମ ମହଜୁଦ ପରିମାଣ ୨୦୨୨ର ୩୩୦ ଲକ୍ଷ ଟନ୍ ତୁଳନାରେ ୧୬୩ ଲକ୍ଷ ଟନ୍‌କୁ ହ୍ରାସ ଘଟିଛି। ଯାହାଫଳରେ ସରକାରୀ ଗୋଦାମ ଘରେ ମହଜୁଦ ଥିବା ଗହମ ପରିମାଣ ଅଧା ହୋଇଯାଇଛି। ଯାହା ଏବେ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ଅପରପକ୍ଷେ କ୍ରମାଗତ ଭାବେ ଦୁଇ ବର୍ଷ ହେବ ଦେଶରେ ଗହମ ଉତ୍ପାଦନ କମିବାରେ ଲାଗିଛି। ତେଣୁ ଆଗକୁ ଗହମ ଅଭାବଜନିତ ପରିସ୍ଥିତି ଦେଖାଦେବା ସୁନିଶ୍ଚିତ। ଏହାହେଲେ ବଜାରରେ ଅଟା ଦର ବଢ଼ିଯିବ। ଦୀର୍ଘ ଦେଢ଼ ବର୍ଷ ହେବ କଣ୍ଟ୍ରୋଲ ଦୋକାନରେ ଗହମ ମିଳୁନାହିଁ। ଏଭଳିସ୍ଥଳେ ଅଟା ଦର ବଢ଼ିଲେ ଗରିମ ଏବଂ ମଧ୍ୟବିତ୍ତ ପରିବାରଙ୍କ ପାଇଁ ରୁଟି ଥାଳି ମହଙ୍ଗା ହୋଇଯିବ।

୨୦୧୭ରେ ସାରା ଦେଶର ସରକାରୀ ଗୋଦାମ ଘରଗୁଡ଼ିକରେ ୧୩୭.୫ ଲକ୍ଷ ଟନ ଗହମ ମହଜୁଦ ଥିବା ରେକର୍ଡ ହୋଇଥିଲା। ତେବେ ୨୦୨୧ରେ ସବୁଠାରୁ ଅଧିକ ଗହମ ମହଜୁଦ ଥିଲା। ସେତେବେଳେ ଗୋଦାମ ଘରେ ଗହମର ମୋଟ ଷ୍ଟକ ପରିମାଣ ୩୪୨.୯୦ ଲକ୍ଷ ଟନ୍ ଥିଲା। ତେବେ ୨୦୨୨ରେ ଏଥିରେ ହ୍ରାସ ହୋଇ ୩୩୦.୧୨ ଲକ୍ଷ ଟନ୍ ଓ ୨୦୨୩ରେ ୧୭୧.୩୧ ଲକ୍ଷ ଟନ୍‌କୁ ଖସିଆସିଥିଲା। ଉଭୟ ଚାଉଳ ଓ ଗହମ ମହଜୁଦ ପରିମାଣକୁ ମିଶାଇଲେ ଏହା ମୋଟ ୬୮୦ ଲକ୍ଷ ଟନ୍ ହେବ।

ବର୍ତ୍ତମାନ ଗହମ ଷ୍ଟକ୍ ସେତେବେଳେ ହ୍ରାସ ହୋଇଛି, ଯେତେବେଳେ ସେପ୍ଟେମ୍ବର ୨୦୨୨ରୁ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ କ୍ରମାଗତ ଭାବେ ୧୫ ମାସ ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ଦୁଇ ଅଙ୍କରେ ରହିଥିଲା। କ୍ରମାଗତ ଭାବେ ଦୁଇ ବର୍ଷ ହେବ ଗହମ ଉତ୍ପାଦନରେ ହ୍ରାସ ଏହାର ମୁଖ୍ୟ କାରଣ। ବିଶ୍ୱର ଦ୍ୱିତୀୟ ବୃହତ୍ ଗହମ ଉତ୍ପାଦନକାରୀ ଭାବେ ଗତ ବର୍ଷଠାରୁ ରପ୍ତାନୀ ବନ୍ଦ କରିଦେଇଛି। କାରଣ ଏଲ୍‌ନିନୋ ପ୍ରଭାବରେ ଜଳବାୟୁ ଉତ୍ତପ୍ତ ରହିବା ଯୋଗୁ ଗହମ ଉତ୍ପାଦନ ହ୍ରାସ ହୋଇଥିଲା। ଏ ପରିସ୍ଥିତିରେ ୟୁକ୍ରେନ ଉପରେ ଋଷିଆର ଆକ୍ରମଣ ବିଶ୍ୱରେ ଗହମ ଦର ବୃଦ୍ଧିର କାରଣ ପାଲଟିଥିଲା। ତେବେ ୨୦୨୩ରେ ଆମେରିକୀୟ ଗହମ ଦର ୩୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିଥିଲା। ଭାରତ ସରକାରଙ୍କ ରପ୍ତାନୀ କଟକଣା ସତ୍ତ୍ୱେ ଗହମ ମୂଲ୍ୟ ୨୦ ପ୍ରତିଶତରୁ ଅଧିକ ବଢିଛି।

## ଶନିବାର ଖୋଲିବ ଷ୍ଟକ୍ ବଜାର

**ମୁମ୍ବଇ,୧୯ ।୧ (ଏଜେନ୍ସି):** ଶନିବାର ଖୋଲାରହିବ ଷ୍ଟକ୍ ବଜାର। ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ଓ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ପକ୍ଷରୁ ଚାଲିବ ସ୍ୱତନ୍ତ୍ର ଲାଇଭ୍ ଟ୍ରେଡିଂ ସେସନ୍। ଏହାର କାରଣ ହେଉଛି ଏହି ବାଣିଜ୍ୟିକ ଅଧିବେଶନ ମାଧ୍ୟମରେ ଷ୍ଟକ୍ ଏକ୍ସଚେଞ୍ଜର ବିପର୍ଯ୍ୟୟ ପୁନରୁଦ୍ଧାର ସାଇଟ୍ ଟ୍ରାଏଲ୍ କରାଯିବ। ଏହାର ଅର୍ଥ ହେଉଛି ଯଦି କେବେ ସାଇବର ଆକ୍ରମଣ କିମ୍ବା ଜରୁରୀକାଳୀନ ପରିସ୍ଥିତି ଉପୁଜେ ନିୟମିତ ବିଏସଇ ଓ ଏନଏସଇ ୱିଣ୍ଡୋକୁ ସହଜରେ ଅନ୍ୟ ସାଇଟ୍‌କୁ ସ୍ଥାନାନ୍ତର କରାଯାଇପାରିବ। ପ୍ରଥମ ସେସନ୍ ସକାଳ ୯ଟାରୁ ୧୦ ଟା ପର୍ଯ୍ୟନ୍ତ ହେବ। ଏଥିରେ, ପ୍ରି-ଓପନ୍ ଅଧିବେଶନ ସକାଳ ୯ଟା ୧୫ ପର୍ଯ୍ୟନ୍ତ ହେବ। ଷ୍ଟକ୍ ବଜାର ୯ଟା ୧୫ ମିନିଟ୍‌ରେ ଖୋଲିବ ଓ ୧୦ଟାରେ ବନ୍ଦ ହେବ। ଦ୍ୱିତୀୟ ଅଧିବେଶନ ରାତି ୧୧ଟା ୧୫ରୁ ୧୨ଟା ୩୦ ପର୍ଯ୍ୟନ୍ତ ଚାଲିବ। ବଜାରର ପ୍ରି-ଓପନ୍ ସକାଳ ୧୧ଟା ୧୫ରେ ହେବ। ଏହାପରେ ବଜାର ସକାଳ ୧୧ଟା ୩୦ରୁ ରାତି ୧୨ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ।

## ଡ. ମୋହିତ୍ ସ' ଆଇସିଏସ୍‌ଆଇ ଇଆଇଆର୍‌ସି ଅଧ୍ୟକ୍ଷ



**ଭୁବନେଶ୍ୱର,୧୯।୧(ସମିସ):** ସିଏସ୍ ଡ. ମୋହିତ୍ ସ' ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ (ଆଇସିଏସ୍‌ଆଇ) ଇଆଇଆର୍‌ସି (ଇଷ୍ଟର୍ଣ୍ଣ ଇଣ୍ଡିଆ ରିଜିଓନାଲ କାଉନ୍‌ସିଲ୍)ର ନୂଆ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସିଏସ୍ ସୌମ୍ୟ ସୁଜିତ୍ ମିଶ୍ର ଡ. ସ'ଙ୍କୁ ପଦ ହସ୍ତାନ୍ତର କରିଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ମିଶ୍ର ଡ. ସ'ଙ୍କୁ ଅଭିନନ୍ଦନ ଜଣାଇଥିଲେ। ସିଏସ୍ ଅନୁଜ ସାରସ୍ୱତ ଉପାଧ୍ୟକ୍ଷ, ସିଏସ୍ ବିଶାଳ ହରଲାଲ୍‌କା ସମ୍ପାଦକ ଏବଂ ସିଏସ୍ ସନ୍ତୋଷ କୁମାର କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି।

## ଜେଏସ୍‌ପି ଫାଉଣ୍ଡେସନ ଦ୍ୱାରା ୪୨୫୪ ଜଣଙ୍କୁ ଯଶସ୍ୱୀ ବୃତ୍ତି ପ୍ରଦାନ

**ଭୁବନେଶ୍ୱର, ୧୯।୧(ସମିସ):** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ଶାଖା ଜେଏସପି ଫାଉଣ୍ଡେସନ ଏହାର ଫ୍ଲାଗସିପ୍ କାର୍ଯ୍ୟକ୍ରମ ଯଶସ୍ୱୀର ତୃତୀୟ ସଂସ୍କରଣର ଶୁଭାରମ୍ଭ କରି ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ର ସାମାଜିକ-ଅର୍ଥନୈତିକ ଦୁର୍ବଳ ବର୍ଗର ୪୩୫୪ ଜଣ ମନୋନୀତ ବାଳିକା ଓ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛି। ଜେଏସପି ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ ଏହି କାର୍ଯ୍ୟକ୍ରମକୁ ଉଦ୍ ଘାଟନ କରିବା ସହ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ରେ ସହଯୋଗ କରିବା ଉଦ୍ଦେଶ୍ୟରେ ଛାତ୍ରବୃତ୍ତି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିକଳ୍ପନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜେଏସପି ଫାଉଣ୍ଡେସନର ଉପଦେଷ୍ଟା ଯଶସ୍ୱିନୀ ଜିନ୍ଦଲ ଯୋଗଦେଇ ମନୋନୀତ ମହିଳା ଓ ବାଳିକାମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମତୀ ଶାଲୁ ଜିନ୍ଦଲ କହିଥିଲେ, ସମାଜରେ ଅନ୍ତର୍ଭୁକ୍ତୀକରଣ ଏବଂ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ ଜେଏସପି ଫାଉଣ୍ଡେସନ ପ୍ରତିଶ୍ରୁତିବଦ୍ଧ। ଏହି କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣ ପାଇଁ ଜେଏସପି ଫାଉଣ୍ଡେସନକୁ ମୋଟ ୮୯୧୪ ଟି ଆବେଦନ ମିଳିଥିଲା। ସେମାନଙ୍କ ମଧ୍ୟରୁ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ୮୧ଟି ଜିଲ୍ଲାରୁ ମୋଟ ୪୨୫୪ ଜଣ ଙ୍କୁ ଚୟନ କରାଯାଇଥିବା ବେଳେ ୩୪୩୦ ଜଣ ନୂଆ ଭାବେ ତାଲିକାରେ ସାମିଲ ହୋଇଛନ୍ତି। ସେହିପରି ୮୨୪ ଜଣଙ୍କ ନିମନ୍ତେ ଏହି ସ୍କଲାରସିପ୍ ନବୀକରଣ କରାଯାଇଛି।



**ଚାରି ଦିନର ହ୍ରାସ ଧାରା ଭାଙ୍ଗିଲା**

# ସେନ୍‌ସେକ୍ସ ୪୯୬ ପଏଣ୍ଟ ଉଠିଲା

ମୁମ୍ବଇ,୧୯।୧(ଏଜେନ୍ସି)

- **ନିବେଶକ ସମ୍ପତ୍ତିରେ ୪ ଲକ୍ଷ କୋଟି ବୃଦ୍ଧି**
- **ତିନି ଦିନରେ ୧୩ ଲକ୍ଷ କୋଟି ବୁଡ଼ିଲା**
- **କାରବାର ଆରମ୍ଭରୁ ରକେଟ୍ ବନିଲା ଶେୟାର**

କ୍ରମାଗତ ତିନି ଦିନର ବଡ଼ ହ୍ରାସ ପରେ ଟ୍ରାକ୍‌କୁ ଫେରିଛି ଘରୋଇ ପୁଞ୍ଜି ବଜାର। ବଜାର କାରବାରରେ ପୁଣି ଥରେ ଫେରିଛି ଉତ୍ସାହ। ନିବେଶକ ହୋଇଛନ୍ତି ମାଲେମାଲ। ନିଫ୍ଟି ଅଟୋ, ଏଫ୍‌ଏମ୍‌ସିଜି, ଧାତବ, ପିଏସ୍‌ୟୁ ବ୍ୟାଙ୍କ ତୈଳ ଓ ଶକ୍ତି ଆଦି କେତେକ କ୍ଷେତ୍ରର ଷ୍ଟକ କାରବାର ଉପରମୁହାଁ ହେବା ଯୋଗୁ ଆଜି ଘରୋଇ ପୁଞ୍ଜିବଜାରରେ ଉତ୍ସାହ ଦେଖିବାକୁ ମିଳିଛି। ଫଳରେ ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୪୯୬ ପଏଣ୍ଟ ବୃଦ୍ଧି ଘଟିଛି। ଷ୍ଟକ ବଜାରରେ ଦେଖାଦେଇଥିବା ଏହି ଉତ୍ସାହ ଯୋଗୁ ନିବେଶକଙ୍କ ସମ୍ପତ୍ତିରେ ଆଜି ଦିନକରେ ୪ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ୟୁରୋପ ସମେତ ଏସୀୟ ବଜାରରେ କାରବାରରେ ଜବରଦସ୍ତ ଉତ୍ସାହ ଦେଖାଦେବା ପରେ ଘରୋଇ ପୁଞ୍ଜି ବଜାରରେ ଏହି ଚମକ ଦେଖିବାକୁ ମିଳିଛି।

ଶୁକ୍ରବାର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୪୯୬ ପଏଣ୍ଟ ବା ୦.୭୦ ପ୍ରତିଶତ ବୃଦ୍ଧି ଘଟି ୭୧,୬୮୩ ପଏଣ୍ଟରେ କାରବାର ସରିଛି। ଗୁରୁବାର ସେନ୍‌ସେକ୍ସରେ ୪୩୦ ପଏଣ୍ଟ ହ୍ରାସ ଘଟିଥିଲା। ସେହିପରି ଆଜି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୧୬୦ ବା ୦.୭୫ ପ୍ରତିଶତ ବୃଦ୍ଧି ଘଟି ୨୧,୬୨୨ ପଏଣ୍ଟରେ କାରବାର ଶେଷ ହୋଇଛି। ଆଜିର ଗୋଟିଏ ଦିନର କାରବାରରେ ନିବେଶକମାନେ ଭଲ ରୋଜଗାର କରିଛନ୍ତି। ବିଗତ ତିନି ଦିନର କ୍ରମାଗତ ହ୍ରାସ ଯୋଗୁ ନିବେଶକଙ୍କ ୧୩ ଲକ୍ଷ କୋଟି ଟଙ୍କା ବୁଡ଼ିଯାଇଛି। ଶୁକ୍ରବାର କାରବାରରେ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସେୟାର ମୂଲ୍ୟରେ ସର୍ବାଧିକ ୮% ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ଏହାଛଡା ଭାରତୀ ଏୟାରଟେଲ୍, ଏନ୍‌ଟିପିସି, ଟାଟା ଷ୍ଟିଲ୍,ଟେକ୍ ମହିନ୍ଦ୍ରା ଏବଂ ଅଲ୍ଟ୍ରାଟେକ୍ ସିମେଣ୍ଟ ଆଦି କମ୍ପାନୀର ସେୟାର ମୂଲ୍ୟରେ ଅଧିକ ବୃଦ୍ଧି ପରିଲକ୍ଷିତ ହୋଇଥିଲା।




## ଦୁଇ ଦିନରେ ବର୍ଷକର ରାଜସ୍ୱ ହରାଇଲା ଏଚ୍‌ଡିଏଫ୍‌ସି ବ୍ୟାଙ୍କ

ନୂଆଦିଲ୍ଲୀ,୧୯।୧(ଏଜେନ୍ସି): ଘରୋଇ ପୁଞ୍ଜି ବଜାରରେ ଚାଲିଥିବା ବୃହତ୍ ହ୍ରାସ ଯୋଗୁ ଗତ ଦୁଇ ଦିନରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସେୟାର ମୂଲ୍ୟରେ ୧୧ ପ୍ରତିଶତରୁ ଅଧିକ ହ୍ରାସ ଘେଇଛି। ଏଥିରେ ନିବେଶକଙ୍କୁ ପ୍ରାୟ ୧.୪୪ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବଜାର ପୁଞ୍ଜିରେ ଗତ ଦୁଇ ଦିନର ହ୍ରାସ ଯୋଗୁ ବ୍ୟାଙ୍କକୁ ବର୍ଷକର ରାଜସ୍ୱ ହରାଇବାକୁ ପଡିଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସେୟାର ମୂଲ୍ୟ ବୁଧବାର ୮.୪ ପ୍ରତିଶତ ହ୍ରାସ ପରେ ଗୁରୁବାର ପ୍ରାୟ ୩.୩ ପ୍ରତିଶତ ଖସିଥିଲା। ବ୍ୟାଙ୍କର ଷ୍ଟକ୍ ମୂଲ୍ୟ ୨୦୨୦ ମାର୍ଚ୍ଚ ପରେ ଦୁଇ ଦିନରେ ସବୁଠୁ ଅଧିକ ଖସିଛି।କରୋନା ସମୟକୁ ଛାଡ଼ି ଦେଲେ ଏସଡିଏଫସି ବ୍ୟାଙ୍କର ସେୟାର ୧୯୯୫ ମେ' ମାସରେ ଲିଷ୍ଟିଂ ପରଠୁ କେବଳ ଷଷ୍ଠ ଥର ପାଇଁ ଏତେ ବଡ଼ ହ୍ରାସ ହୋଇଛି। ଏଚଡିଏଫସି ବ୍ୟାଙ୍କର ଡିସେମ୍ବର ତ୍ରୈମାସିକ ଫଳାଫଳ ସେୟାର ବଜାରରୁ ପସନ୍ଦ ଆସି ନ ଥିଲା ଏବଂ ସେବେଠାରୁ ଏହି ହ୍ରାସ ଆରମ୍ଭ ହୋଇଛି। ଏହାସହ ବୈଶ୍ୱିକ ବଜାରରେ ହ୍ରାସର ପ୍ରଭାବ ଘରୋଇ ପୁଞ୍ଜି ବଜାର ଉପରେ ମଧ୍ୟ ପଡିଥିଲା। ଉଲ୍ଲେଖଯୋଗ୍ୟ ଯେ ଏଚ୍‌ଡିଏଫସି ବ୍ୟାଙ୍କ ସେୟାରରେ ଆଜି ବି ହ୍ରାସ୍ ଦେଖିବାକୁ ମିଳିଛି।

## ନିୟୁ ହ୍ୟୁଣ୍ଡାଇ କ୍ରେଟାର ବଜାର ପ୍ରବେଶ

**ଭୁବନେଶ୍ୱର,୧୯।୧(ସମିସ):** ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ପକ୍ଷରୁ ବହୁ ପ୍ରତିକ୍ଷୀତ ନିୟୁ ହ୍ୟୁଣ୍ଡାଇ କ୍ରେଟାର ବଜାର ପ୍ରବେଶ ହୋଇଯାଇଛି। ପାହାଳ ସ୍ଥିତ ଉତ୍କଳ ହ୍ୟୁଣ୍ଡାଇଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଭୁବନେଶ୍ୱର ମେୟର ସୁଲୋଚନା ଦାଶ ମୁଖ୍ୟ ଅତିଥି ଭାବେ ଏହାର ବଜାର ପ୍ରବେଶ କରାଇଥିଲେ। ଏଥିରେ ଉତ୍କଳ ହ୍ୟୁଣ୍ଡାଇର ଜିଏମ୍ ଭୂଷଣ ଗିରି ଉପସ୍ଥିତ ଥିଲେ। ନିୟୁ ହ୍ୟୁଣ୍ଡାଇ କ୍ରେଟା ଏହାର ଗ୍ରାହକଙ୍କୁ କଟିଂ ଏଜ୍ ଟେକ୍ନୋଲୋଜି, ଉନ୍ନତ ସୁରକ୍ଷା, ଉତ୍ତମ ପରଫରମାନ୍ସ ଏବଂ ଆରାମଦାୟକ ଗାଡ଼ି ଚାଳନା ଅନୁଭୂତି ଦେବ। ଏହି ମଡେଲ ହ୍ୟୁଣ୍ଡାଇର ଗ୍ଲୋବାଲ ଡିଜାଇନ୍ ଲାଙ୍ଗୁଏଜ୍ ସେନ୍‌ସସ୍ ସ୍ପୋର୍ଟିନେସ୍ ଉପରେ ପରିବେଶିତ। ନିୟୁ ହ୍ୟୁଣ୍ଡାଇ କ୍ରେଟାରେ କ୍ୱାଡ୍ ବିମ୍ ଏଲ୍‌ଇଡି ହେଡ୍ ଲ୍ୟାମ୍ପ, ହ୍ୟୁଣ୍ଡାଇ ସ୍ମାର୍ଟସେନ୍ସ ଲେଭଲ ୨ ଏଡିଏଏସ୍, ଭଏସ୍ ଏନେବଲ ପାନୋରାମିକ୍ ସନ୍‌ରୁଫ୍ ଏବଂ ଟ୍ରାକ୍‌ସନ୍ କଣ୍ଟ୍ରୋଲ ମୋଡ୍ ଓ ପ୍ରିମିୟର ଇଣ୍ଟେରିଅର ଭଳି କିଛି ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି। ଏ ସମ୍ପର୍କରେ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ଏମ୍‌ଡି ତଥା ସିଇଓ ଉନ୍ ସୁ କିମ୍ କହିଛନ୍ତି ଯେ, ହ୍ୟୁଣ୍ଡାଇ କ୍ରେଟା ହେଉଛି ଭାରତୀୟ ମାନେ ଭଲ ପାଉଥିବା ଏମିତି ଏକ ବ୍ରାଣ୍ଡ ଯାହାର ୯ ଲକ୍ଷରୁ ଅଧିକ ଗ୍ରାହକ ରହିଛନ୍ତି।




## ପୂର୍ବାଞ୍ଚଳରେ ବ୍ୟାବସାୟିକ ସମ୍ପ୍ରସାରଣ କରିବ ଅଶୋକ ଲେଲ୍ୟାଣ୍ଡ

**ଭୁବନେଶ୍ୱର,୧୯।୧(ସମିସ):** ହିନ୍ଦୁଜା ଗ୍ରୁପର ଅଂଶ ତଥା ଦେଶର ଅଗ୍ରଣୀ ବାଣିଜ୍ୟିକ ଯାନ ନିର୍ମାତା ଅଶୋକ ଲେଲ୍ୟାଣ୍ଡର ଓଡ଼ିଶା ତଥା ପୂର୍ବ ଭାରତରେ ଦୃଢ଼ ଉପସ୍ଥିତି ରହିଛି। ଏହି ଅଞ୍ଚଳର ସମୃଦ୍ଧ ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମି ସମ୍ପ୍ରସାରଣ ଏବଂ ବର୍ଦ୍ଧିତ ବାଣିଜ୍ୟିକ ଯାନ ଚାହିଦାକୁ କମ୍ପାନୀ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ବଜାର ସ୍ଥିତିକୁ ସୁଦୃଢ଼ କରିବା ଏବଂ ଗ୍ରାହକମାନଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବା ଲାଗି କଂପାନି ଏହି ପଦକ୍ଷେପ ଗ୍ରହଣ କରିଛି। ଓଡ଼ିଶା ଓ ପୂର୍ବ ଭାରତ ଆମ ପାଇଁ ଏକ ପ୍ରମୁଖ ବଜାର। ଓଡ଼ିଶାର ପରିବହନ ଏବଂ ଉତ୍ତମ ଭିତ୍ତିଭୂମିର ନିର୍ଦ୍ଦିଷ୍ଟ ଚାହିଦା ପୂରଣ କରିବା ପାଇଁ ଅନୁକୂଳ ତଥା ଉନ୍ନତମାନର ଏମ୍‌ଏଚ୍‌ସିଭି ଉତ୍ପାଦ ଏବଂ ସେବା ପ୍ରଦାନ କରିବା ପାଇଁ ଆମେ ପ୍ରତିବଦ୍ଧ। କମ୍ପାନୀ ଓଡ଼ିଶାରେ ଆଉ ଏକ ଡ୍ରାଇଭିଂ ଟ୍ରେନିଂ କେନ୍ଦ୍ର ଖୋଲିବ। ପୂର୍ବରୁ କମ୍ପାନୀର ରାଜ୍ୟରେ ୩ଟି ଡ୍ରାଇଭିଂ ଟ୍ରେନିଂ କେନ୍ଦ୍ର ରହିଥିବା ଅଶୋକ ଲେଲ୍ୟାଣ୍ଡ ଲିମିଟେଡ୍‌ର ସଭାପତି(ଏମ୍‌ଆଣ୍ଡଏଚସିଭି) ସଞ୍ଜୀବ କୁମାର କହିଛନ୍ତି।




## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ନୂତନ ଶାଖା ପରିସର ଉଦ୍‌ଘାଟିତ



**ଭୁବନେଶ୍ୱର,୧୯।୧(ସମିସ):** ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ଡେଲାଙ୍ଗ ଆର୍‌ଏସ୍‌ବି ଶାଖା ପରିସର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ତଥା ମହାପ୍ରବନ୍ଧକ ସର୍ବେଶ ରଞ୍ଜନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ନିରଞ୍ଜନ ବାରିକ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଗଣ, ଡେଲାଙ୍ଗ ବ୍ଲକ୍ ମିଶନ ଶକ୍ତିର ଅଧିକାରୀଗଣ, ଡେଲାଙ୍ଗ ଆର୍‌ଏସ୍‌ବି ଶାଖାର ମୁଖ୍ୟ ନିରଞ୍ଜନ ପଣ୍ଡିତଙ୍କ ସମେତ ଗ୍ରାହକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇ ୧.୫୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା।

# ସୁନା ଭଣ୍ଡାର: ବିଶ୍ୱର ଶ୍ରେଷ୍ଠ ୧୦ ମଧ୍ୟରେ ଭାରତ

ନୂଆଦିଲ୍ଲୀ, ୧୯।୧(ଏଜେନ୍ସି)

**ଅଧିକ ସୁନା ରଖିଥିବା ବିଶ୍ୱର ଶ୍ରେଷ୍ଠ ୧୦ ଦେଶ**

| | |
|---|---|
| ଯୁକ୍ତରାଷ୍ଟ୍ର ଆମେରିକା- | ୮,୧୩୩.୪୬ ଟନ୍ |
| ଜର୍ମାନୀ- | ୩,୩୫୨.୬୫ ଟନ୍ |
| ଇଟାଲୀ- | ୨,୪୫୧.୮୪ ଟନ୍ |
| ଫ୍ରାନ୍ସ- | ୨, ୪୩୬.୮୮ ଟନ୍ |
| ରୁଷିଆ- | ୨,୩୩୨.୭୪ ଟନ୍ |
| ଚୀନ୍- | ୨, ୧୯୧.୫୩ ଟନ୍ |
| ସ୍ୱିଜରଲ୍ୟାଣ୍ଡ- | ୧,୦୪୦.୦୦ ଟନ୍ |
| ଜାପାନ- | ୮୪୫.୯୭ ଟନ୍ |
| ଭାରତ- | ୮୦୦. ୭୮ ଟନ୍ |
| ନେଦରଲାଣ୍ଡସ୍ – | ୬୧୨. ୪୫ ଟନ୍ |

ସୁନା ଏପରି ଏକ ଜିନିଷ , ଯାହାକି ସମସ୍ତେ ରଖିବାକୁ ପସନ୍ଦ କରନ୍ତି। ଦୁନିଆର ସବୁ ଦେଶ ନିଜ ଭଣ୍ଡାରରେ ଅଧିକରୁ ଅଧିକ ସୁନା ରଖିବାକୁ ଉଦ୍ୟମ କରିଥାନ୍ତି। ସୁନା ଭଣ୍ଡାର ଦୃଷ୍ଟିରୁ ସାଉଦି ଆରବ, ବ୍ରିଟେନ ଏବଂ ସ୍ପେନ୍ ଭଳି ଦେଶଠାରୁ ଭାରତ ବହୁ ଆଗରେ ରହିଛି। ଏହି ସବୁ ଦେଶ ତୁଳନାରେ ଭାରତ ପାଖରେ ଅଧିକ ସୁନା ମହଜୁଦ୍ ରହିଛି।

ବିଶ୍ୱ ସୁନା ପରିଷଦ ପକ୍ଷରୁ ଏକ ତାଜା ରିପୋର୍ଟ ପ୍ରକାଶ ପାଇଛି। ଯେଉଁଥିରେ କେଉଁ ଦେଶ ପାଖରେ କେତେ ପରିମାଣରେ ସୁନା ମହଜୁଦ ରହିଛି। ତାକୁ ନେଇ ଏହି ରିପୋର୍ଟରେ ଉଲ୍ଲେଖ ରହିଛି।ଏଥିରେ ପ୍ରଥମ ସ୍ଥାନରେ ଆମେରିକା ରହିଛି। ଭାରତ ମଧ୍ୟ ପୂର୍ବ ର୍‍ୟାଙ୍କିଙ୍ଗ୍ ଅପେକ୍ଷା ଉନ୍ନତି ହାସଲ କରିଛି। ରିପୋର୍ଟ ଅନୁଯାୟୀ ସୁନା ଭଣ୍ଡାର ଦୃଷ୍ଟିରୁ ବିଶ୍ୱର ଶ୍ରେଷ୍ଠ ୨୦ ଦେଶ ତାଲିକାରେ ଭାରତ ୧୦ମ ସ୍ଥାନରେ ରହିଛି। ୨୦୨୩ର ତୃତୀୟ ତ୍ର ମାସିକ ପର୍ଯ୍ୟନ୍ତ ଭାରତର ସୁନା ଭଣ୍ଡାର ୮୦୦.୭୮ ଟନ୍ ରହିଥିଲା। ଏହି ତାଲିକାରେ ୧୬ ତମ ସ୍ଥାନରେ ଥିବା ସାଉଦି ଆରବର ୩୨୩.୦୭ ଟନ୍ ମହଜୁଦ ସୁନାଠାରୁ ଏହା ୪୭୭.୭୧ ଟନ୍ ଅଧିକ। ତେବେ ବ୍ରିଟେନ୍ ପାଖରେ ଥିବା ୩୧୦.୨୯ ଟନ୍ଠାରୁ ଏହା ୪୯୦.୪୯ ଟନ୍ ଅଧିକ ହୋଇଥିବାବେଳେ ସ୍ପେନର ସୁନା ଭଣ୍ଡାର ୨୮୧.୫୮ ଟନ୍ ତୁଳନାରେ ୫୧୯.୨ ଟନ୍ ଅଧିକ।

**ସାଉଦି ଆରବ ଏବଂ ବ୍ରିଟେନ୍‌କୁ ଟପିଲା**



